RNI Title Code: ODIMUL00843
Print Code: 2019042441

କଳିଙ୍ଗ ପୋଷ୍ଟ

# The Kalinga Post

*Sense & Sensible*

Volume 01 | Issue 01 | September 2022



# ରାଇରଙ୍ଗପୁରରୁ ରାଇସିନା



ରାଇବଣିଆ ଦୁର୍ଗ



କ୍ଷୀରଚୋରା ଗୋପୀନାଥ ମନ୍ଦିର, ରେମୁଣା

**Address:**
Kalinga Post
Arad Bazar, Parida Colony
Balasore, Pin - 756001

**Contact Details:**
Mail Id: thekalingapost@gmail.com
Contact No: 9777229040

www.thekalingapost.in

UnSeen™
BalaSore

# Unseen Balasore

*Welcome to Explore*















# ସମ୍ପାଦକୀୟ

**ପ୍ରିୟ ପାଠକ ଗଣ,**

ମୁଁ ଆପଣଙ୍କୁ ଭେଟି ଦେବାକୁ ଯାଉଛି ଏକ ମାସିକ ସମ୍ବାଦ ପତ୍ରିକା । ଯାହାର୍ ନାମଟି ହେଲା "ଦି କଳିଙ୍ଗ ପୋଷ୍ଟ" । ଏହି ପତ୍ରିକା ଆମ ସମାଜ ଭିତରେ ବ୍ୟାପ୍ତ ହୋଇ ରହିଥିବା ଅନେକ କବି, ଗାଳ୍ପିକ, ଲେଖକମାନଙ୍କୁ ସେମାନଙ୍କ ଚିନ୍ତାଧାରାକୁ ପ୍ରକାଶ କରିବାରେ ସାହାଯ୍ୟ କରିବ । ଯେଉଁଥିରେ କି ସେମାନେ ନିଜ ସୂତା ରୂପି ମନର୍ ଭାବନାକୁ ମାଳି ସଦୃଶ ଶବ୍ଦରେ ଗୁନ୍ଥି ଏକ ଆକର୍ଷିତ ଲେଖା ରୂପି ହାର୍ ତିଆରି କରି ନିଜର୍ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ।

ଏହି ପତ୍ରିକାର୍ ମୂଳ ଲକ୍ଷ୍ୟ ହେଲା ପାଠକ ଓ ଲେଖକଙ୍କ ମନର୍ ଭାବନାକୁ "ଅଭିବ୍ୟକ୍ତିର ସ୍ୱାଧୀନତା" ମାଧ୍ୟମରେ ସାମ୍ନାକୁ ଆଣି ସମାଜକୁ ପୁନଃ ଅନୁପ୍ରାଣିତ କରିବା । କାରଣ ଭାବନାକୁ ଅଭିବ୍ୟକ୍ତ କରିବାର୍ ଅଧିକାର ଯେ କେବଳ କେତେକ ଉଚ୍ଚତର ବ୍ୟକ୍ତି ପାଖରେ ସୀମିତ ତାହା ନୁହେଁ, ବରଂ ସାମାନ୍ୟ ଗରିବ ଲୋକମାନେ ମଧ୍ୟ ନିଜ ଭାବନାକୁ ସମାଜର୍ କୋଣ ଅନୁକୋଣକୁ ପଠାଇବାର୍ ଅଧିକାରୀ ଅଟନ୍ତି । ବ୍ରେଣ୍ଡ ୟୁ ଏଲାଣ୍ଡ (୧୮୯୧ – ୧୯୮୫) ଯିଏ କି ଜଣେ ସାମ୍ବାଦିକ ଓ ଲେଖିକା କହିଥିଲେ ଯେ ଏ ସଂସାରରେ ଯେତେ ବି ମଣିଷ ଅଛନ୍ତି ସମସ୍ତେ ବହୁ ପ୍ରତିଭାର୍ ଅଧିକାରୀ; କାରଣ ସମସ୍ତଙ୍କ ପାଖରେ ନିଜ ଭାବନାକୁ ବ୍ୟକ୍ତ କରିବା ପାଇଁ କିଛି ନା କିଛି ଅଛି । ଆମ ସମସ୍ତଙ୍କ ଜୀବନରେ ଅନେକ କଥା, କାହାଣୀ ଓ ଅଭିଜ୍ଞତାର୍ ସମୁଦ୍ର ରହିଛି, ଯାହାକୁ ପ୍ରସ୍ଫୁଟିତ କରାଇବା ପାଇଁ ଆବଶ୍ୟକତା ରହିଛି ମାଧ୍ୟମ ଓ ପାଠକର୍ । ସେହି ମାଧ୍ୟମ ହେଉଛି "ଦି କଳିଙ୍ଗ ପୋଷ୍ଟ" । ଯେଉଁଥିରେ ଲେଖକ ଯେ କୌଣସି ବିଷୟରେ ନିଜକୁ ବ୍ୟକ୍ତ କରିପାରିବେ । ତାହା କଳା, ସଂସ୍କୃତି, ସାମାଜିକ, ବିଜ୍ଞାନ, ବର୍ତମାନର୍ ସ୍ଥିତି ପରିସ୍ଥିତି, ବନ୍ୟା, ବାତ୍ୟା, ସ୍ଥାନ, ପରିଭ୍ରମଣ, ପରିବର୍ତନ ଆଦି ସବୁଥିରେ ନିଜ ଲେଖାର୍ କୁହୁକ ବିଛୁରେଇ ପାରିବ ।

ସବୁଠାରୁ ଆକର୍ଷଣର୍ ବିଷୟ ହେଉଛି ଏହା ମୁଖ୍ୟତଃ ଓଡିଆ, ହିନ୍ଦି ଓ ଇଂରାଜୀ ଭାଷାରେ କୌଣସି ପକ୍ଷପାତିତାକୁ ଶ୍ରେୟ ନ ଦେଇ ଲୋକଙ୍କ ପାଖକୁ ଯିବ । ଏଥିରେ ବୟସର୍ ମଧ୍ୟ କୋଣସି ତାରତମ୍ୟ ନାହିଁ । ଯାହା ଦ୍ୱାରା ଆମେ ସେମାନଙ୍କ ଅଭିଜ୍ଞତା, ଜ୍ଞାନ ଓ କୌସଳ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ କରିପାରିବା ।

ଶେଷରେ ଆପଣମାନଙ୍କୁ ଏତିକି ଜଣାଇବାକୁ ଚାହିବି ଯେ ଏହି ପତ୍ରିକା କୌଣସି ଜଣେ ବ୍ୟକ୍ତିର ନୁହେଁ । ବରଂ ଅନେକ ଗୁଡିଏ ବ୍ୟକ୍ତିଙ୍କ ଅବଦାନର୍ ଫଳ । ଭିନ୍ନ ଭିନ୍ନ କ୍ଷେତ୍ର, ଭିନ୍ନ ଭିନ୍ନ ଭାବନା, ଭିନ୍ନ କାର୍ଯ୍ୟ କୁଶଳୀର୍ ସମ୍ମିଶ୍ରଣରେ ସୃଷ୍ଟି ହୋଇଛି "ଦି କଳିଙ୍ଗ ପୋଷ୍ଟ" । ଆମ କର୍ମକର୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ହେଉଛି ଏହାର୍ ପ୍ରକାଶନ । ଏହା ପାଠକ ଓ ଲେଖକ ଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବାକୁ ସୁଯୋଗ ଦେବାକୁ ସଫଳ ହୋଇପାରିବ ବୋଲି ମୋର୍ ଆଶା ।



**ଧନ୍ୟବାଦ**

ସଂଗ୍ରାମ କେଶରୀ ପରିଡା

ସମ୍ପାଦକ

Monthly News Megazine

# କଳିଙ୍ଗ ପୋଷ୍ଟ

RNI Title Code: ODIMUL00843 Print code : 2019042441

VOLUME - 01, ISSUE - 01, September - 2022 ପ୍ରଥମ ବର୍ଷ, ୧ମ ସଂଖ୍ୟା, ସେପ୍ଟେମ୍ବର - ୨୦୨୨

## ସୂଚୀପତ୍ର

**ବଡକଥା:**

ରାଇରଙ୍ଗପୁରରୁ ରାଇସିନା ୦୧

**ସାହିତ୍ୟ:**

ଆମ ସାହିତ୍ୟର ପିତା (ବ୍ୟାସକବି) ୦୩

**ସାଂପ୍ରତିକ ଗଳ୍ପ:**

ସମାଜ, ଶିକ୍ଷକ ଓ କାଲୁର ବିଚାର ୦୬

**ଏ ମାସର ବ୍ୟକ୍ତିତ୍ୱ:**

ପଣ୍ଡିତ ଦେବାଶିଷ ଭଟ୍ଟାଚାର୍ଯ୍ୟ ୧୦

**ଗଳ୍ପ:**

ଦିବ୍ୟା ନାରୀ ୧୨

ଦାଦନର ପ୍ରେମ କାହାଣୀ ୧୫

ଜିଇଁବାର ଅନ୍ତର୍ଧ୍ୱନି ୧୬

ରୁମ୍ ନମ୍ବର ୧୧୬ ୧୯

**ଏ ମାସର ସାକ୍ଷାତକାର:**

ଶିକ୍ଷା ପାତ୍ର ୨୨

**ସଂସ୍କୃତି:**

କ୍ଷୀରଚୋରା ଗୋପୀନାଥ ୨୩

**ଐତିହ୍ୟ:**

ରାଇବଣିଆ ଦୁର୍ଗ ୨୬

**ଜନ ଜୀବନ:**

ବିହି ୨୮

**ଆଂଚଳିକ:**

ପାନ ୨୯

**ପ୍ରବନ୍ଧ:**

ଶିଶୁ ହସିଲେ ଦୁନିଆ ହସେ ୩୨

**ଜନ ଜୀବନ :**

ନୂଆଁ ଖାଇ ୩୪

**Health:**

Effect of Hydrotherapy During Flu ୩୬

**Science:**

Science & Technology (Partners in Changing Life) ୩୯

**କବିତା:** ୪୫

**ଚିତ୍ରକଳା** ୫୨

ମାସିକ ସମ୍ବାଦ ପତ୍ରିକା

The Kalinga Post

କଳିଙ୍ଗ ପୋଷ୍ଟ

ଉପଦେଷ୍ଟା

ଫାଦର ଜୋଜୋ ସିଭି

Advisor

Fr. Jojo CV

ପ୍ରତିଷ୍ଠାତା / ପ୍ରକାଶକ / ସମ୍ପାଦକ

ସଂଗ୍ରାମ କେଶରୀ ପରିଡା

Founder / Publisher / Editor

Sangram Keshari Parida

କାର୍ଯ୍ୟକାରୀ ସମ୍ପାଦକ

ତୁଷାରକାନ୍ତି ତପସ୍ୱୀ

Executive Editor

Tusharkanti Tapaswi

ସହ ସମ୍ପାଦକ

ସାଗର ଜେନା

Associate Editor

Sagar Jena

Registered Office

Parida Colony
Arad Bazar
Balasore - 756001

Editorial Office

BISWAS, Kalidashpur
Near Basanti Mandap
Contact No: 9777229040,
06782-296212

**JYOTI PRAKASH PANIGRAHI,** M.L.A.
SIMULIA
ODISHA LEGISLATIVE ASSEMBLY
Qrs. No. VI MR-7, Unit-VI
Bhubaneswar

सत्यमेव जयते

At : Ria
P. O./P.S. : Simulia
Dist. : Balasore
PIN : 756 126
Ph. No. : (06788) 239012
Mobile : +91-7751863358
Email : J.Panigrahi.ola@nic.in



## <u>ବାର୍ତ୍ତା</u>

ଦି କଳିଙ୍ଗ ପୋଷ୍ଟର ମାସିକ ପତ୍ରିକାଟି ଉତ୍ତର ଓଡିଶାର ପ୍ରାଣକେନ୍ଦ୍ର ବାଲେଶ୍ୱର ଠାରେ ଇଂ ମାସ ସେପ୍ଟେମ୍ବର ୧୧ ତାରିଖ ଦିନ ପ୍ରକାଶ ପାଉଅଛି। ଏହି ଐତିହାସିକ ଅବସରରେ ଉକ୍ତ ପ୍ରୟାସକୁ ସାଦରେ ସ୍ୱାଗତ ଜଣାଉଛି। ଓଡିଶାର କୋଣ ଅନୁକୋଣେ ଅପହଞ୍ଚ ଇଲାକାରେ ସତ୍ୟ ଘଟଣା ପରିବେଷିତ ସମ୍ବାଦ ଅର୍ପଣ କରି ଆଦୃତ ହେବ । ସର୍ବ ସାଧାରଣଙ୍କର ସୁଖ ଦୁଃଖର ସାଥି ହୋଇ ସମସ୍ତଙ୍କର ପ୍ରିୟ ପତ୍ରିକା ହେବ ଏହା ମୋର ଶୁଭେଚ୍ଛା ।

ଜ୍ୟୋତି ପ୍ର. ପାଣିଗ୍ରାହୀ

(ଜ୍ୟୋତି ପ୍ରକାଶ ପାଣିଗ୍ରାହୀ)

SUDHANSU SEKHAR PARIDA, M.L.A.
REMUNA
ODISHA LEGISLATIVE ASSEMBLY
Present Address :
Qrs. No. DS-3/3, Unit-IV
Bhubaneswar

सत्यमेव जयते

Permanent Address :
At : Budhabihar, Gopalgaon
P.O. : Srikanthapur
Dist. : Balasore
PIN : 756 001
Mob. : 9777086421
Email : sudhansuparida75@gmail.com

No. ......................................

Date ......................................



# ବାର୍ତ୍ତା

ବାଲେଶ୍ୱରର ଏକ ନୂତନ ମାସିକ ପତ୍ରିକା "ଦି କଳିଙ୍ଗ ପୋଷ୍ଟ" ସେପ୍ଟେମ୍ବର ୧୧ ତାରିଖରେ ୧୧ ତାରିଖ ବାଲେଶ୍ୱରରେ ପ୍ରକାଶିତ ହେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି ପତ୍ରିକାଟି ଓଡ଼ିଶାର ଐତିହ୍ୟ, ପରମ୍ପରା, ସ୍ୱାସ୍ଥ୍ୟ, କ୍ଷୁଦ୍ର ଗଳ୍ପ ଓ ରାଜନୀତି ଉପରେ ପର୍ଯ୍ୟବ୍ୟଶିତ । "ଦି କଳିଙ୍ଗ ପୋଷ୍ଟ" ପତ୍ରିକାଟି ସାମ୍ପ୍ରତିକ ଲେଖା ସହ ବାଲେଶ୍ୱର ଅଂଚଳରେ ଥିବା ଐତିହାସିକ ସ୍ଥାନ ଓ ପୂର୍ବସୂରୀ ମାନଙ୍କର ଗାଥା ଉପରେ ପର୍ଯ୍ୟବ୍ୟଶିତ । ଲେଖା ଗୁଡିକ ପ୍ରକାଶ ପାଇବା ବୋଲି ମୋର ଆଶା । ମୁଁ ଏହି ଅବସରରେ "ଦି କଳିଙ୍ଗ ପୋଷ୍ଟ"ର ସମସ୍ତ କର୍ମକର୍ତା ମାନଙ୍କୁ ହାର୍ଦିକ ଶୁଭେଚ୍ଛା ଜଣେଇବା ସହିତ ଏହି ପତ୍ରିକାର ସର୍ବ ସଫଳତା କାମନା କରୁଛି ।

ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡା
ବିଧାୟକ , ରେମୁଣା , ବାଲେଶ୍ୱର

ସ୍ୱରୂପ କୁମାର ଦାସ, ବିଧାୟକ
ବାଲେଶ୍ୱର
ଓଡିଶା ବିଧାନ ସଭା

सत्यमेव जयते

**SWARUP KUMAR DAS, M.L.A.**
BALASORE
ODISHA LEGISLATIVE ASSEMBLY
Mobile: +91 9437007000
+91 99370 07000
E-mail: skdblsr@gmail.com

Letter No.: 143/2022

Date: 02/09/2022



# MESSAGE

I am happy to learn that BISWAS NGO is launching a monthly multilingual magazine titled 'The Kalinga Post' on 11th September 2022.

BISWAS has made notable contributions to helping the underprivileged sections of society. I am confident that the publication of the magazine will add value to their development efforts.

I congratulate the organization and their team members for continuously serving society and also wish them the grand success of their noble Endeavour.

Thanking You,

(Swarup Kumar Das)

ବାଲେଶ୍ୱର

ତା- ୦୩/୦୯/୨୦୨୨



# ବାର୍ତ୍ତା

ଆସନ୍ତା ସେପ୍ଟେମ୍ବର ୧୧ ତାରିଖ ଦିନ ବିଶ୍ୱାସ **(BISWAS)** ଅନୁଷ୍ଠାନ ପକ୍ଷରୁ ବାଲେଶ୍ୱର ଠାରେ ପ୍ରକାଶିତ ହେବାକୁ ଥିବା ଏକ ବହୁଭାଷା ଭିତ୍ତିକ ମାସିକ ପତ୍ରିକା "କଳିଙ୍ଗ ପୋଷ୍ଟ" ର ଶୁଭ ଉନ୍ମୋଚନ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ବର୍ତ୍ତମାନ ସମୟରେ ଏଭଳି ଏକ ମାସିକ ପତ୍ରିକାର ପରିପ୍ରକାଶ ପାଇଁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଉଛି । ଏତଦ୍ ବ୍ୟତୀତ ଅନୁଷ୍ଠାନ ଦ୍ୱାରା "ଅନସିନ୍ ବାଲେଶ୍ୱର" **(Unseen Balasore)** ଭଳି ଅଧ୍ୟାୟର ଶୁଭାରମ୍ଭ ହେବାକୁ ଯାଉଛି, ଯାହାକି ଏକ ଅଭିନନ୍ଦନୀୟ ପଦକ୍ଷେପ ।

ଏହି ଅବସରରେ, "ବିଶ୍ୱାସ" ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ, ମାସିକ ପତ୍ରିକା 'କଳିଙ୍ଗ ପୋଷ୍ଟ' ଓ 'ଅନସିନ୍ ବାଲେଶ୍ୱର' ଅଧ୍ୟାୟ ଅୟମାରମ୍ଭ ର ସଫଳତା କାମନା କରୁଅଛି ।

(ଶ୍ରୀମତି ସୁବାସିନୀ ଜେନା)

# ରାଇରଙ୍ଗପୁରରୁ ରାଇସିନା



ଉପସ୍ଥାପନା:

ଚନ୍ଦନ କୁମାର ନାଥ
ବାରିପଦା, ମୟୁରଭଞ୍ଜ, ଓଡ଼ିଶା

କଳା, ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମୟୁରଭଞ୍ଜ ଜିଲ୍ଲା । ଓଡ଼ିଶାର ସବୁଠାରୁ ବଡ଼ ଜିଲ୍ଲା ମଧ୍ୟରେ ଗଣ୍ୟ ଏବଂ ଏହି ଜିଲ୍ଲାରେ ଅନେକ ଆଦିବାସୀ ବର୍ଗର ଜନସମାଜ ବାସ କରନ୍ତି । ସମୟଥିଲା ସାଧାରଣ ବନବାସୀ କିମ୍ବା ଆଦିବାସୀ ସମାଜର ମଣିଷ ସବୁଠାରୁ ତଳ ବର୍ଗରେ ଗଣାଯାଉଥିବା ବେଳେ ଆଜି ସେଇ ସମାଜର ଜଣେ ଆଦିବାସୀ ମହିଳା ରାଷ୍ଟ୍ରର ସର୍ବୋଚ୍ଚ ପଦରେ ସ୍ଥାନ ପାଇ ଏବଂ ପ୍ରଥମ ନାଗରିକ ଭାବରେ ସମ୍ମାନିତ ହୋଇ କେବଳ ମୟୁରଭଞ୍ଜ କି ଓଡିଶା ନୁହଁ ସାରା ଦେଶ ବିଦେଶ ପାଇଁ ପ୍ରେରଣା ସାଜିଛନ୍ତି । ଦିନଥିଲା ଯେଉଁ ଓଡିଶା ତଥା ଓଡ଼ିଶାର ମାଟି ମୟୁରଭଞ୍ଜ ଅବହେଳିତ ହେଉଥିଲା, ଆଜି ପୁଣି ସମଗ୍ର ଭାରତବର୍ଷରେ ସମ୍ମାନର ସହ ମୁଣ୍ଡ ଟେକିଛି । ମୟୁରଭଞ୍ଜ ମାଟିର ଝିଅ ଦ୍ରୌପଦୀ ଜୀବନରେ ଅନେକ କିଛି ହରାଇଛନ୍ତି କିନ୍ତୁ ହାର ମାନି ନାହାନ୍ତି । ରାଇରଙ୍ଗପୁର ଠାରୁ ରାଇସିନା ହିଲ ପର୍ଯ୍ୟନ୍ତ ଯାତ୍ରା ନିଶ୍ଚିତ ଭାବରେ ସଂଘର୍ଷପୂର୍ଣ କିନ୍ତୁ ଅନେକ ବାଧାବିଘ୍ନକୁ ନିସ୍ତାର ସହ ଅତିକ୍ରମ କରି ସେ ଆଜି ଏହି ସ୍ଥାନରେ ପହଂଚି ପାରିଛନ୍ତି । ୧୯୫୮ ମସିହା ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁରର କୁସୁମୀ ବ୍ଲୋକ ଅନ୍ତର୍ଗତ ଆଦିବାସୀ ବହୁଳ ଗାଁ ଉପରବେଡାରେ ଏକ ସାନ୍ତାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ଦ୍ରୌପଦୀ ମୁର୍ମୁ । ବାପା ବିରଂଚି ନାରାୟଣ ଟୁଡୁ ମୟୁରଭଞ୍ଜ ରାଜ ଦରବାରରେ ଏକ ସାଧାରଣ କର୍ମଚାରୀ ଥିଲେ ଏବଂ ସେଥିରୁ ଯେତିକି ଟଙ୍କା ମିଳେ ସେଥିରେ ପରିବାର ପୋଷଣ ହୋଇଥାଏ ।



ପିଲାଟି ବେଳୁ ପାଠ ପଢ଼ିବା ସହ ପରିଶ୍ରମ କରିବାର ଦକ୍ଷତା ଦ୍ରୌପଦୀଙ୍କ ଭିତରେ ଜାଗି ଉଠିଥିଲା । ସେ ଜାଣିପାରିଥିଲେ ଯେ ପାଠ ପଢି ଶିକ୍ଷିତ ହେଲେ ସଶକ୍ତ ହେଇପାରିବା । ନିଜ ଗାଁ ରେ ଥିବା ସରକାରୀ ବିଦ୍ୟାଳୟରେ ଦ୍ରୌପଦୀ ପ୍ରାଥମିକ ଶିକ୍ଷା ପାଇଁ ନାମ ଲେଖାଇଥିଲେ । ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିସାରିବା ପରେ ଅଧିକ ପଢିବାକୁ ଇଚ୍ଛୁକ ରହୁଥିବା ଦ୍ରୌପଦୀ ସୁଯୋଗ ପାଇ ପାରୁନଥିଲେ ଗାଁରେ । ଦ୍ରୌପଦୀଙ୍କ ପାଠ ପଢ଼ିବାର ଆଗ୍ରହ ଦେଖି ସମ୍ପର୍କୀୟ ଦାଦା କାର୍ତ୍ତିକ ଚନ୍ଦ୍ର ମାଝି ତାଙ୍କ ଝିଆରୀକୁ ନେଇ ଯାଆନ୍ତି ଭୁବନେଶ୍ୱର ଏବଂ ଭୁବନେଶ୍ୱର ରେ ଥିବା ୟୁନିଟ ୨ ଗାର୍ଲସ ହାଇସ୍କୁଲ ରେ ଆଡ଼ମିଶନ କରିଦିଅନ୍ତି ।

ସେଇଠୁ ଅଷ୍ଟମ ଶ୍ରେଣୀ ପାଠ ପଢା ଆରମ୍ଭ ହେବା ପରେ ୧୯୭୪ ମସିହାରେ ମ୍ୟାଟ୍ରିକ ପାସ କରିଥିଲେ ।କଲେଜରେ ପାଠ ପଢ଼ିବା ପାଇଁ ଆବେଦନ କରିବାକୁ ହୁଏ ତାହା ଜାଣିଥିଲେ ଦ୍ରୌପଦୀ ତେଣୁ ଗୋଟିଏ ବର୍ଷ ପରେ ରମାଦେବୀ କଲେଜ ରେ ନାମ ଲେଖାଇଥିଲେ । ବାହାରେ ରହି ପାଠପଢୁଥିବାରୁ ଝିଅର ଖର୍ଚ୍ଚ ପାଇଁ ବାପା ଦଶ ଟଙ୍କା ପଠାଉଥିଲେ , ହେଲେ ଏତିକି ଟଙ୍କାରେ ଭୁବନେଶ୍ୱରରେ ପାଠ ପଢି କଲେଜ କ୍ୟାଂଟିନରେ ଖାଇ ରହିବା ସମ୍ଭବ ପର ହୋଇ ପାରୁନଥିଲା । ସେଇଠୁ ବି.ଏ ପାସ କରିବା ପରେ ୧୯୭୯ ମସିହାରେ ଆରମ୍ଭ ହୁଏ ଚାକିରୀ ଜୀବନ । ଭୁବନେଶ୍ୱର ସଚିବାଳୟରେ ପ୍ରଥମ ଚାକିରୀର ଆରମ୍ଭ ହୁଏ ଏବଂ ଚାକିରୀ କାଳ ସମୟରେ ତାଙ୍କର ଶ୍ୟାମାଚରଣ ମୁର୍ମୁଙ୍କ ସହ ଦେଖା ହୁଏ ଆଉ ତାଙ୍କ ଜୀବନରେ ଆରମ୍ଭ ହୁଏ ନୂଆ ଏକ ଅଧ୍ୟାୟ । ଶ୍ୟାମାଚରଣ ମୁର୍ମୁଙ୍କୁ ବିବାହ କରିବା ପରେ ତାଙ୍କ ଜୀବନକୁ ଆସନ୍ତି ଦୁଇଟି ପୁଅ ଆଉ ଗୋଟିଏ ଝିଅ । ଏହାପରେ ନିଜ ସଂସାର ସହ ଗାଁ କୁ ଫେରନ୍ତି ଏବଂ ୧୯୯୭ ମସିହାରେ ପ୍ରଥମେ ରାଇରଙ୍ଗପୁର ସ୍ୱାଧୀନ କାଉନସିଲର ଭାବରେ ନିର୍ବାଚିତ ହୁଅନ୍ତି, ପରେ ୨୦୦୦ ମସିହାରେ ବିଧାୟିକା ହୁଅନ୍ତି । ମାତ୍ର ଅବେଳରେ ନିଜର ଦୁଇ ପୁଅ ଓ ସ୍ୱାମୀଙ୍କୁ ହରାଇ ସେ ନିଜର ମାନସିକ ଭାରସାମ୍ୟ ହରାଇ ବସିଥିଲେ । ଏହି ପରିସ୍ଥିତିରେ ସେ ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆସିଥିଲେ । କିଛି ବର୍ଷ ଆଶ୍ରମରେ ଜଡିତ ରହିବା ପରେ ତାଙ୍କ ମାନସିକ ସ୍ଥିରତା ଫେରି ପାଇଥିଲା । ସେବେ ଠାରୁ ସେ ନିଜ ଜୀବନକୁ ଏକ ବିର୍ତ ମନରେ ଆଧ୍ୟାତ୍ମିକ ସ୍ତରରେ ଜନ ସମାଜର ମଙ୍ଗଳ ଚିନ୍ତା କରିବା ସହ ସମାଜ ସେବାରେ ତତ୍ପର ରହିଲେ । ଏହି ସାମାଜିକ ଓ ସାମୂହିକ କାର୍ଯ୍ୟ କରିବାର ଚେତନା ତାଙ୍କୁ ବ୍ୟକ୍ତିଗତ ଓ ପାରିବାରିକ ଦୁଃଖ କୁ ପାର କରି ଆଗକୁ ବଢିବାରେ ସହାୟକ ହେଉଥିଲା । ତେବେ ଝିଅର ଯତ୍ନ ସହିତ ସମାଜର ଯତ୍ନ ନେବାପାଇଁ ଜଣେ ରାଜନେତ୍ରୀ ଭାବେ ସମାଜ ସେବାକୁ ଆପଣେଇ ନେଇଥିଲେ ।





୨୦୧୫ ମସିହାରେ ଝାଡ଼ଖଣ୍ଡ ର ରାଜ୍ୟପାଳ ହୋଇଥିଲେ ଏବଂ ସେଠାରେ ସେ ନିଜକୁ 'ପିପୁଲସ ଗଭର୍ଣ୍ଣର' କହୁଥିଲେ । ରାଜନୀତି କ୍ଷେତ୍ର ରେ ଜଣେ ସମାଜସେବୀ ଭାବରେ ସମସ୍ତ ଦଳକୁ ସମାନ ଦୃଷ୍ଟିରେ ଦେଖୁଥିଲେ । ଓଡ଼ିଶାରେ ବିଜେପି ଓ ବିଜେଡି ମେଂ ସରକାର ସମୟରେ ସେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ହୋଇଥିଲେ । ନିଜ ଜୀବନରେ ରାଜନୀତି ଅପେକ୍ଷା ଜନସେବା ପ୍ରତିଷ୍ଠା କରିବାରେ ଆଗ୍ରହ ରଖୁଥିବା ଦ୍ରୌପଦୀ ମୁର୍ମଙ୍କ ଜନହିତ ପାଇଁ ସେବା କରିବାର ମନ ବଳ ତାଙ୍କୁ ଗାଁ ରୁ ସହର, ସହର ରୁ ଜିଲ୍ଲା, ଜିଲ୍ଲା ରୁ ରାଜ୍ୟ, ରାଜ୍ୟରୁ ରାଷ୍ଟ୍ରରେ ସର୍ବୋଚ୍ଚ ସ୍ଥାନରେ ପହଂଚାଇ ପାରିଛି । ଆମ ଓଡ଼ିଶା ତଥା ମୟୂରଭଞ୍ଜ ମାଟିର ଜନଜାତି ପରିବାରରୁ ଆସିଥିବା ଗର୍ବ ଓ ଗୌରବ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସମଗ୍ର ଦେଶର ମହିଳା ସଶକ୍ତିକରଣ ଓ ଉନ୍ନତି କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିବେ ବୋଲି ଆଶା ଓ ବିଶ୍ୱାସ । ଦେଶର ପ୍ରଥମ ଓଡ଼ିଆ ଆଦିବାସୀ ମହିଳା ତଥା ୧୫ ତମ ରାଷ୍ଟ୍ରପତି ମହାମହିମ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଙ୍କୁ ଅନେକ ଶୁଭେଚ୍ଛା ଓ ଶୁଭକାମନା ।

# ଆମ ସାହିତ୍ୟର ପିତା

## (ବ୍ୟାସକବି)



ଓଡ଼ିଆ ଭାଷା ସାହିତ୍ୟର 'ଆଧୁନିକ ଯୁଗ' ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ନବମ ଦଶକ (୧୮୮୦ ଖ୍ରୀଷ୍ଟାବ୍ଦ)ଠାରୁ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ବ୍ୟାପ୍ତ । ବହୁ ସାହିତ୍ୟ ସମାଲୋଚକ କବିବର ରାଧାନାଥ ରାୟଙ୍କ ନାମାନୁସାରେ ଏହି ଯୁଗକୁ 'ରାଧାନାଥ ଯୁଗ' ଭାବରେ ଅଭିହିତ କରନ୍ତି । କାରଣ ଏ ଯୁଗର ଶ୍ରେଷ୍ଠ କବି ହେଉଛନ୍ତି ରାଧାନାଥ ।

ପ୍ରାଚୀନ ସାରଳା ଯୁଗ, ମଧ୍ୟଯୁଗୀୟ ଜଗନ୍ନାଥ (ପଂଚସଖା) ଯୁଗ ଓ ଉପେନ୍ଦ୍ର ଭଞ୍ଜ ଯୁଗର ଅନୁକରଣରେ ଏହି ନାମକରଣ କରାଯାଇଛି । ଉକ୍ତ ଯୁଗଗୁଡ଼ିକ ମୁଖ୍ୟତଃ ଥିଲା କାବ୍ୟ-କବିତାର ଯୁଗ ଏବଂ ଏହି ଯୁଗର ଶ୍ରେଷ୍ଠ କବିମାନଙ୍କ ନାମରେ ତେଣୁ ଏଗୁଡ଼ିକ ନାମିତ ହେଉଥିଲା । କିନ୍ତୁ ଆଲୋଚ୍ୟ ଯୁଗ କେବଳ କାବ୍ୟକବିତାର ଯୁଗ ନ ଥିଲା । ରୀତିଯୁଗର ଅବସାନ ପରେ ଓଡ଼ିଆ ସାହିତ୍ୟ ଗଡ଼ଜାତ ଅଂଚଳରୁ ଉପକୂଳ ଅଂଚଳକୁ ଫେରି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କାବ୍ୟକବିତା ଇତ୍ୟାଦିରେ ପୁଷ୍ଟ ହେଲା । ଏଣୁ ଭାବପ୍ରବଣତା ବଶତଃ ବହୁମୁଖୀ ସାହିତ୍ୟ ସୃଷ୍ଟି ହୋଇଥିବା ଏ ଯୁଗର ଶ୍ରେଷ୍ଠ କବିଙ୍କୁ ଯୁଗପ୍ରବର୍ତ୍ତକ ଭାବରେ ଗ୍ରହଣ କରିବାରେ ଔଚିତ୍ୟ ଥିଲାଭଳି ମନେହୁଏ ନାହିଁ । ବରେଣ୍ୟ ସମାଲୋଚକ ସୁରେନ୍ଦ୍ର ମହାନ୍ତି ଏଣୁ ଯଥାର୍ଥରେ କହନ୍ତି, 'ରାଧାନାଥଙ୍କୁ ଆଧୁନିକ ଯୁଗର ଶ୍ରେଷ୍ଠ କବି ରୂପେ ବିବେଚନା କରାଗଲେ ହେଁ, ଆଧୁନିକ ଯୁଗର ପ୍ରବ□କ ରୂପେ ତାଙ୍କୁ ସ୍ୱୀକାର କରାଯାଇ ନ ପାରେ' । ('ଫକୀରମୋହନ ସାହିତ୍ୟ ସମୀକ୍ଷା') ସେ ପୁଣି କହନ୍ତି, ''ତଥାପି ଏ ଯୁଗକୁ ଯଦି କୌଣସି ନିର୍ଦ୍ଦିଷ୍ଟ କାଳ ବା ଲେଖକଙ୍କ ନାମରେ ନାମିତ କରିବାର ପ୍ରୟୋଜନ ପଡ଼େ, ତାହେଲେ ଏହା ଫକୀରମୋହନ ଯୁଗରେ ନାମିତ ହେବା ହିଁ ସମୀଚୀନ ।'' ('ଓଡ଼ିଆ ସାହିତ୍ୟର କ୍ରମବିକାଶ')

ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ଏ ଯୁଗକୁ ଫକୀରମୋହନଙ୍କ ନାମରେ ନାମିତ କରିବା ସପକ୍ଷରେ । ସେ କହନ୍ତି- ''ସେ (ଫକୀରମୋହନ) ହେଉଛନ୍ତି ଯଥାର୍ଥରେ ଆଧୁନିକ ଓଡ଼ିଆ ସାହିତ୍ୟରପପିତା । ଏ ଦିଗରେ ଅନ୍ୟ କାହାରି ଚେଷ୍ଟା, ଏପରି ସଙ୍ଗତ, ସମୀଚୀନ ଓ ଉପାଦେୟ ନୁହେଁ । କାହାରି ଲେଖା ହୁଏତ ତାଙ୍କ ପୂର୍ବରୁ ବାହାରିଥିଲା । କେହି କେହି ହୁଏତ ନାନା କାରଣରୁ ସାହିତ୍ୟରେ ପ୍ରତିଷ୍ଠାବନ୍ତ ହୋଇଥିଲେ । କିନ୍ତୁ ଆଜି ଦୂର ଇତିହାସକୁ ଚାହିଁ ଦେଖିଲା ପରି ଦେଖିଲେ, ବେଶ୍ ବୁଝାଯିବ, ଫକୀରମୋହନଙ୍କ ପରି ଯଥାର୍ଥ ଓଡ଼ିଆ ସାହିତ୍ୟ ସେକାଳେ ଅତି ଅଳ୍ପ ଲୋକ ହୁଏତ ଆଂଶିକ ଭାବରେ ଲେଖିଥିଲେ କି ନା ସନ୍ଦେହ । ପ୍ୟାରୀମୋହନଙ୍କ ଇତିହାସଠାରୁ ୯ଭକ୍ତକବି ମଧୁସୂଦନ, ରାଧାନାଥଙ୍କ ଗଦ୍ୟପଦ୍ୟ ପର୍ଯ୍ୟନ୍ତ ସବୁ ଏ କ୍ଷେତ୍ରରେ ବିଚାରକୁ ଆଣିଲେ ମଧ୍ୟ ବ୍ୟାସକବି ଫକୀରମୋହନ ଭାଷା ଓ ଭଙ୍ଗୀରେ ଯାହା ଦେଇଯାଇଛନ୍ତି, ତାହାର ଦ୍ୱିତୀୟ ମଧ୍ୟ ଓଡ଼ିଶାରେ ପ୍ରକାଶ ପାଇଛି ବୋଲି ମନେ ହେଉନାହିଁ ।" ('ଫକୀରମୋହନ ପରିକ୍ରମା'ରେ 'ମୁଁ ଯେପରି ତାଙ୍କୁ ଦେଖିଛି' ପ୍ରବନ୍ଧ)

ଡ. ମାୟାଧର ମାନସିଂହ ମଧ୍ୟ ଏ ଯୁଗକୁ ଫକୀରମୋହନ ଯୁଗ ହିସାବରେ ଗ୍ରହଣ କରିବାକୁ ଉଚିତ ମନେ କରିଛନ୍ତି । ତାଙ୍କ ମତରେ, "କିନ୍ତୁ ଆଧୁନିକ ଗବେଷଣା ଓଡ଼ିଆ ସାହିତ୍ୟର ଗତ ୬୦ ବର୍ଷର ଘଟଣାପ୍ରବାହକୁ ଏବର ପାଠକମାନଙ୍କ ଆଗରେ ଯେପରି ଥୋଇଛନ୍ତି, ସେଥିରେ ସେମାନଙ୍କ ସାହିତ୍ୟକ ମୂଲ୍ୟବୋଧରେ ପରିବର୍ତ୍ତନ ଆସିଯାଇଛି, ଫଳତଃ ବର୍ତ୍ତମାନ ଓଡ଼ିଶାର ବୁଦ୍ଧିଜୀବୀ ସମ୍ପ୍ରଦାୟର ସର୍ବବାଦୀ ମତ ଏହି ଯେ, ଆଧୁନିକ ଯୁଗ ପ୍ରକୃତରେ ନାମିତ ହେବା ଉଚିତ ସରସ୍ୱତୀ ଫକୀରମୋହନ ସେନାପତିଙ୍କ ନାମରେ ।' ('ଓଡ଼ିଆ ସାହିତ୍ୟର ଇତିହାସ')

ଏହି ଯୁଗରେ ଫକୀରମୋହନ, ରାଧାନାଥ ଓ ମଧୁସୂଦନ ପରସ୍ପରଙ୍କ ପରିପୂରକ ଥିଲେ । ବାସ୍ତବରେ ଜଣେ ନୁହେଁ, ତିନିଜଣଙ୍କ ମିଳିତ ଉଦ୍ୟମରେ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗ ସୃଷ୍ଟି ହୋଇଛି । ତଥାପି ଅସାଧାରଣ ପ୍ରତିଭାର ଅଧିକାରୀ ଫକୀରମୋହନଙ୍କ ନାମରେ ଆଧୁନିକ ଯୁଗକୁ ନାମିତ କରିବାର ଯଥାର୍ଥତା ରହିଛି । କାରଣ ଆଧୁନିକ ଯୁଗର ଅଭ୍ୟୁଦୟ ହୋଇଥିବା ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ଯେତେବେଳେ ଓଡ଼ିଶାରେ ଇଂରେଜ ଶାସନ ପରିବର୍ତ୍ତିତ ହୋଇସାରିଥିଲା ଓ ବିଦେଶୀ ଶିକ୍ଷା ଓ ରାଜନୀତି ଦ୍ରୁତ ପ୍ରସାରିତ ହେଉଥିଲା । ସଙ୍ଗୀନଧାରୀ ଇଂରେଜ ବାହିନୀ ପଛେ ପଛେ ବାଇବେଲ୍‌ଧାରୀ ଖ୍ରୀଷ୍ଟିଆନ ପାଦ୍ରୀଙ୍କର ଆଗମନ ହୋଇ ସାରିଥିଲା । "ଓଡ଼ିଶାରେ ଏହି କାଳରେ ଜାତୀୟ ତଥା ସାଂସ୍କୃତିକ ସଙ୍କଟ ଦେଖାଦେଇଥିଲା । ବିଦେଶୀ ଶିକ୍ଷା ଓ ରୀତିନୀତିକୁ ମୁଷ୍ଟିମେୟ ଦଳେ ଗିଳିବାକୁ ବସିଥିଲାବେଳେ ବହୁଲୋକ ଏହାକୁ ପ୍ରତିବାଦ କରୁଥିଲେ ଅନ୍ୟପଟରେ ପ୍ରତିବେଶୀ ବଙ୍ଗପ୍ରଦେଶର ଲୋକେ (ଯେଉଁମାନେ ବ୍ରିଟିଶ କଳର 'ନଟ୍-ବୋଲ୍ଟ' ହୋଇ ଆସିଥିଲେ) ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଯେଉଁ ଚିତ୍କାର କଲେ, ତା'ର ପ୍ରତିରୋଧ କରିବାକୁ ଆହ୍ୱାନ ଆସିଥିଲା ।



ଏହି କାଳ ଓଡ଼ିଆ ଜାତି ପାଇଁ ଜଣେ 'ସେନାପତି' ଖୋଜୁଥିଲା; ଜଣେ ନେତୃତ୍ୱ ଦେଇପାରିବା ବ୍ୟକ୍ତିର ସନ୍ଧାନ କରୁଥିଲା । ଶେଷକୁ ସେଇ ସେନାପତି ହେଲେ ଫକୀରମୋହନ, ଯିଏ ବାସ୍ତବ ଜୀବନରେ ସଂଗ୍ରାମ କରୁଥିଲେ ପରିବେଶ ସହିତ, ବିଜାତୀୟତା ସହିତ । ସେ ସେ ତାଙ୍କ ସହିତ ତାଳଦେଲେ ରାଧାନାଥ, ମଧୁସୂଦନ ଏବଂ ପରେ ନନ୍ଦକିଶୋର ଓ ଗଙ୍ଗାଧର । ଫକୀରମୋହନ ଏହି କାଳର ସବୁଠାରୁ ପ୍ରତିଭାବାନ ସ୍ରଷ୍ଟା ଏବଂ ସମସ୍ତ ନୂତନ ଚିନ୍ତା ଚେତନାର ଆବାହକ । ତେଣୁ ଏହି ଯୁଗକୁ ତାଙ୍କରି ନାମାନୁସାରେ ନାମିତ କରିବା ଅଧିକ ଯଥାର୍ଥ ହେବ ।" (ଡ. ରତ୍ନାକର ଚଇନି, 'ମୋ ଆଖିର ମୂଳ')

ତେଣୁ ଏହି ଯୁଗକୁ ତାଙ୍କରି ନାମାନୁସାରେ ନାମିତ କରିବା ଅଧିକ ଯଥାର୍ଥ ହେବ ।" (ଡ. ରତ୍ନାକର ଚଇନି, 'ମୋ ଆଖିର ମୂଳ')

ଏହି ଯୁଗକୁ 'ରାଧାନାଥ ଯୁଗ' ପରିବର୍ତ୍ତେ 'ଫକୀରମୋହନ ଯୁଗ' ଭାବରେ ଗ୍ରହଣ କରିବା ସପକ୍ଷରେ ଦୃଢ଼ ତଥା ଅକାଟ୍ୟ ଯୁକ୍ତି ଉପସ୍ଥାପନ କରନ୍ତି ବର୍ଷୀୟାନ ଅଧ୍ୟାପକ ସର୍ବେଶ୍ୱର ଦାଶ ସ୍ୱରଚିତ 'ଯୁଗସ୍ରଷ୍ଟା ଫକୀରମୋହନ' ଗ୍ରନ୍ଥରେ । ତାଙ୍କ ଭାଷାରେ– 'ଅତୀତର ସାହିତ୍ୟର ପ୍ରଧାନ ଉପଜୀବ୍ୟ ଥିଲା ବ୍ୟକ୍ତିଗତ ଜୀବନର ସୁଖଦୁଃଖ, ପ୍ରେମପରିଣୟ, ମିଳନବିଚ୍ଛେଦ । କିନ୍ତୁ ବ୍ୟକ୍ତି ଯେ ସମାଜର ଅଙ୍ଗ, ସମାଜର ବିଧିନିଷେଧ, ଦୋଷଦୁର୍ବଳତା, ବିରହମିଳନ, ହାସ୍ୟଲୋତକକୁ ନିୟନ୍ତ୍ରଣ କରିଛି, ସେ କଥା କେହି ହୃଦୟଙ୍ଗମ କରି ନଥିଲେ । କିନ୍ତୁ ଏହା ହିଁ ଆଧୁନିକ ସାହିତ୍ୟର ନିର୍ଯ୍ୟାସ । ଆଧୁନିକ ସାହିତ୍ୟ ବ୍ୟକ୍ତିର ଏକକ ଜୀବନର ପ୍ରତିବିମ୍ବ । ନୁହେଁ, ବ୍ୟକ୍ତି ସଙ୍ଗେ ଆର୍ଥନୀତିକ ଓ ସାମାଜିକ ପରିପାର୍ଶ୍ୱର ସଂଘର୍ଷର ପ୍ରତିଧ୍ୱନି । ଫକୀରମୋହନ ଏ ସତ୍ୟ ଉପଲବ୍ଧି କରିଥିଲେ । ରାଧାନାଥ ସାହିତ୍ୟରେ ଏହାର ଆଭାସ ନାହିଁ । ତେଣୁ ଓଡ଼ିଆ ସାହିତ୍ୟରେ ନବୀନ ଯୁଗର ଉଦ୍‌ଘାତା କବି ରାଧାନାଥ ନୁହନ୍ତି, ଔପନ୍ୟାସିକ ଫକୀରମୋହନ । ରାଧାନାଥଙ୍କ ଚନ୍ଦ୍ରଭାଗା, ଯଯାତିକେଶରୀ, ଉଷା, ନନ୍ଦିକେଶ୍ୱରୀ, ପାର୍ବତୀ ର ବାହ୍ୟ ପରିଚ୍ଛଦଟି ଆଧୁନିକ ଯୁଗର, କିନ୍ତୁ ଅଭ୍ୟନ୍ତରଟି ସେହି ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଯୁଗର କହିଲେ ଅତ୍ୟୁକ୍ତି ହେବ ନାହିଁ ।





"ପୁଣି ଆଧୁନିକ ଯୁଗ ବାସ୍ତବରେ ଗଦ୍ୟ ସାହିତ୍ୟର ଯୁଗ । କେବଳ ସାହିତ୍ୟ ନୁହେଁ ମନୁଷ୍ୟର ଜୀବନ ଆଜି ଗଦ୍ୟମୟ । କବିତାର ଅର୍ଜନା ପାଇଁ ଯେଉଁ ଶିଳ୍ପସମ୍ଭାର, ଯେଉଁ ପରିବେଶ, ଅନ୍ତରର ଯେଉଁ ସୌକୁମାର୍ଯ୍ୟ, ଲାଳିତ୍ୟ ଓ କମନୀୟତା ଏବଂ ଅବସରର ଯେଉଁ ପ୍ରାଚୁର୍ଯ୍ୟ ଆବଶ୍ୟକ, ତାହା ଆଜିକାର ଜୀବନସଂଗ୍ରାମର କଠୋରତା ଏବଂ ହା ହୁତାଶ ମଧ୍ୟରେ ଆଉ ସମ୍ଭବପର ନୁହେଁ । ଏହାର ଅବଶ୍ୟମ୍ଭାବୀ ପରିଣତି ସ୍ୱରୂପ ମନୁଷ୍ୟ ଆଜି ତା'ର ଭାବର ଆଦାନ ପ୍ରଦାନ ପାଇଁ କଳାବତୀ କବିତା ପରିବର୍ତ୍ତେ ନିରାଭରଣା ବ୍ୟବହାରସର୍ବସ୍ୱ, ଏକାନ୍ତ କାବ୍ୟକୁ ବାଛିନେଇଛି । ଧର୍ମ, ଦର୍ଶନ, ସମାଜଚିତ୍ର ଆଦି ମନୁଷ୍ୟ ଚିନ୍ତାର ଯାହା ସର୍ବଶ୍ରେଷ୍ଠ ସମ୍ପଦ, ତାହା ଆଜି ଗଦ୍ୟର ମାଧ୍ୟମରେ ପ୍ରକାଶ ପାଉଛି । କବି ନାମଧେୟ ମୁଷ୍ଟିମେୟ ପଦ୍ମଭୁକ୍ କଳ୍ପନାବିଳାସୀଙ୍କୁ ଛାଡ଼ିଦେଲେ ସର୍ବତ୍ର ଗଦ୍ୟର ଅଖଣ୍ଡ ପ୍ରତିଲିପି । ଗଦ୍ୟର ଅପ୍ରତିହତ ପ୍ରଭାବରେ କବିତା ରଚନାର ଧାରା ବି ଆଜି ବଦଳିଯାଇଛି । କବିତା ଆପଣାର ଅସ୍ତିତ୍ୱ ବଂଚାଇବା ପାଇଁ ଗଦ୍ୟର ବସ୍ତ୍ରାଂଚଳକୁ ଆଶ୍ରା କରୁଛି ।

ଫକୀରମୋହନଙ୍କ ପୂର୍ବରୁ ଓଡ଼ିଆରେ ଗଦ୍ୟ ସାହିତ୍ୟ ନଥିଲା କହିଲେ ଚଳେ । ଯାହା ବା ଥିଲା, ତାହା ଏକାନ୍ତ ନଗଣ୍ୟ, ସେଥିରେ ଶ୍ରୀ ବା ସୁଷମା ନଥିଲା, ଛନ୍ଦ ଓ ଗତି ନ ଥିଲା, ଓଡ଼ିଆ ଭାଷାର ପ୍ରାଣବନ୍ତିତା ସେଥିରେ ପ୍ରତିଫଳିତ ହେଉ ନଥିଲା । ସଂସ୍କୃତ ଶବ୍ଦ ଓ ଇଂରାଜୀ ରୀତିର ସମିଶ୍ରଣରେ ଏକ କିମ୍ଭୂତକିମାକାର ଗଦ୍ୟ ଥିଲା ସେକାଳର ସର୍ବସ୍ୱ ।

ଫକୀରମୋହନ ଯଥାର୍ଥରେ ଆଧୁନିକ ଗଦ୍ୟ ସାହିତ୍ୟର ପ୍ରତିଷ୍ଠାତା । ତେଣୁ ଉଭୟ ଦୃଷ୍ଟିରୁ ବିଚାର କଲେ ଓଡ଼ିଆ ସାହିତ୍ୟରେ ନବଯୁଗ ଯଥାର୍ଥରେ ରାଧାନାଥ ଯୁଗ ନୁହେଁ, ଫକୀରମୋହନଙ୍କ ଯୁଗ ।

# ସମାଜ, ଶିକ୍ଷକ ଓ 'କାଲୁ'ର ବିଚାର



ଦେବବ୍ରତ ଦେ
ବାରବାଟିଆ
ଭୋଗରାଇ
ବାଲେଶ୍ୱର
୯୨୩୮୫୭୦୫୦୭

ଆଜି ସଂଧ୍ୟାରେ ବୁଲୁ ଟା' ଦୋକାନରେ ବସି ଫେସବୁକ, ହ୍ୱାଟସଅପ ଓ ମ୍ୟାସେଞ୍ଜର ରେ ଗୁରୁ ଦିବସ ପୋଷ୍ଟ ଗୁଡ଼ିକ ଘାଂଟି ହେଉଥିଲି । କାଲୁ କୁଆଡ଼େ ଥିଲା ଆସି ପହଂଚିଗଲା । ପାଦ ପାଖରେ ଛିଡ଼ା ହୋଇ କୁଁ କୁଁ ହୋଇ ଜୋରରେ ଲାଞ୍ଜଟିକୁ ହଲାଇବାରେ ଲାଗିଲା । ମୁଁ ବୁଲୁ ପାଖରୁ ଦୁଇ ଖଣ୍ଡ ବିସ୍କୁଟ ଆଣି ତା' ଆଗକୁ ଫିଙ୍ଗି ଦେଲି । କାଲୁ ଖାଇସାରି କହିଲା, ଓଃ...କି ଶାନ୍ତି !

ମୁଁ କହିଲି, ତୁ ଆଜି କିଛି ଖାଇନଥିଲୁ କି କାଲୁ ? ସିଏ କହିଲା, 'ନା ସାର. ଆମେ କ'ଣ ଗୁରୁ ? ଆପଣଙ୍କର ଆଜି ଦିନ ସାରା ତ ଖାଲି ମିଠା, ଛେନା ପୋଡ଼ ଓ ଫଳମୂଳରେ କଟିଥିବ । ଆମକୁ କିଏ ପଚାରୁଛି ?'

ମୁଁ କହିଲି, 'ଭଲ ହୋଇଛି ତୁ ଶ୍ୱାନ ଜନ୍ମ ପାଇଛୁ । ଆପାତତଃ ସ୍ୱାଧିନଭାବେ ତ ସବୁ କାମ କରିପାରୁଛୁ । କିନ୍ତୁ, ଆମକୁ ଦେଖ, ସ୍ୱାଧିନତା ଏଠି କାଳ ରାତ୍ରିର ଏକ ଲମ୍ୱା ଦୁଃସ୍ୱପ୍ନ । ଏ ଛଳନାଯୁକ୍ତ ଗୁରୁ ପୂଜାକୁ ପଚାରେ କିଏ ? ଜରି ଗୋଡ଼ା ଦୁଇଟି କଲମ ଓ ପ୍ଲେଟ ଭର୍ତି କିଛି ସୁସ୍ୱାଦୁ ଜଳଖିଆରେ ଗୁରୁ ର କାହାଣୀଟି 'ଏ ହାପି ଏଣ୍ଡିଙ୍ଗ' ହୋଇ ପାରେନା ।

କାଲୁ ଚକିତ ହୋଇ ମୋତେ ଅନାଇଲା ଓ ପଚାରିଲା, ' ଏତେ ମୋଟା ଅଙ୍କର ଦରମା ! ଛାଇ ତଳେ ଚାକିରି ! ସମସ୍ତଙ୍କ ଠାରୁ ସାର୍ ସାର୍ ଡାକ ! ତଥାପି ଆପଣ ଖୁସି ନାହାନ୍ତି, ସାର୍ ?

'ନାଇଁରେ କାଲୁ, ଶିକ୍ଷକତାର ତୃପ୍ତି ଦରମାରେ ନଥାଏ ବରଂ ସମ୍ମାନ, ଭକ୍ତି ଓ ଛାତ୍ରଛାତ୍ରୀଙ୍କ ଭଲପାଇବାରେ ଥାଏ । କିନ୍ତୁ କାହିଁ ସେ ଭଲ ପାଇବା ଆଉ ଭକ୍ତି ? ବାକି ତୁ ଯେଉଁ ମୋଟା ଅଙ୍କର ଦରମା କଥା କହୁଛୁ, ତାହା କେତେ ଜଣ ପାଉଛନ୍ତି ? ତୁ ଶିକ୍ଷକଙ୍କ ଭିକାରୀ ଅବସ୍ଥା କ'ଣ ଦେଖିପାରୁନୁ, ମୁଁ କହିଲି ।

କାଲୁ କହିଲା, 'ସାର, ଆଜି ସ୍କୁଲରେ ପିଲା ମାନେ ଭାଷଣରେ କହୁଥିଲେ ଯେ ଗୁରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ଅଟନ୍ତି । ଏତେ ଶକ୍ତିଶାଳୀ ଦେବତା ହୋଇ ବି ଆପଣଙ୍କର ଏତେ କ୍ଷୋଭ କାହିଁକି ? କାହିଁକି ଆପଣମାନେ ଶିକ୍ଷକରୁ ଗୁରୁ ହୋଇ ପାରୁନାହାନ୍ତି ? ଅତୀତର ଗୁରୁ ଭଳି ଆପଣମାନେ କାହିଁକି ପ୍ରିୟ ଭାଜନ ହୋଇ ପାରୁନାହାନ୍ତି ? ସେତେବେଳର ଶିକ୍ଷାଦାନ ଭଳି ନହୋଇ ଏବର ଶିକ୍ଷାଦାନ କାହିଁକି ନିଜର ଅସ୍ତିତ୍ୱ ହରାଇଛି ?

ମୁଁ କହିଲି, 'ହଁ ରେ କାଲୁ, ଆମର ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ବି ଗୁରୁ ଦିବସରେ ଖବର କାଗଜରେ ସେହା କହିଲେ, ଯାହା ତୁ କହୁଛୁ । ମନ୍ତ୍ରୀଙ୍କ ପିଲାଦିନର ଗୁରୁ ମାନଙ୍କ ଭଳି ଏବେ ଗୁରୁ ନାହାନ୍ତି ବୋଲି ସେ ମନ୍ତବ୍ୟ ଦେଲେ । କିନ୍ତୁ, ମୁଁ ବୁଝି ପାରୁନି ଯେ, ଏହି ମୂର୍ଖ ଗୁରୁ ମାନଙ୍କର ଯିଏ ମନ୍ତ୍ରୀ ହୋଇଛନ୍ତି, ତାଙ୍କୁ କ'ଣ କୁହାଯିବ ।'

କାଲୁ ହସିଲା ଓ କହିଲା, ବାସ୍ତବିକ ସାର୍, ଏହା ଲଜ୍ଜା ଜନକ । ବର୍ତ୍ତମାନର ଗୁରୁ ମାନେ ପ୍ରକୃତରେ ରସାତଳଗାମୀ ହୋଇ ଯାଇଛନ୍ତି । ରାସ୍ତା, ଘାଟ, ଛକ, ବଜାର, ସଚିବାଳୟ ସବୁଠି ଆପଣ ମାନଙ୍କର ନିନ୍ଦା ଓ ହାୟହାୟକାର । ଏଭଳି କାହିଁକି ହେଉଛି ସାର ?

ମୁଁ କହିଲି, ' ଟୁ-ଜି ସ୍କାମ, ବୋଫର୍ସ ଦୁର୍ନୀତି, ଗୋଖାଦ୍ୟ ଦୁର୍ନୀତି, ଆଇ.ଏନ.ଏକ୍ସ ଦୁର୍ନୀତି, ଭୋପାଳ ଗ୍ୟାସ ଲିକ, ଜାପାନ ଉପରେ ପରମାଣୁ ବୋମା ନିକ୍ଷେପ, ଚିଟଫଣ୍ଡ ସ୍କାମ, ଇନ୍ଦିରା ଗାନ୍ଧୀ ହତ୍ୟା, ରତ୍ନଭଣ୍ଡାର ଚାବି ଚୋରୀ ଓ ବ୍ରହ୍ମ ବିଭ୍ରାଟ ଆଦି ହଜାର ହଜାର କେଳେଙ୍କାରିରେ ଯେଉଁ ମାନେ ଜଡ଼ିତ ସେମାନେ କେଉଁ ପିଢୀର ଗୁରୁଙ୍କ ଛାତ୍ର ? ସେମାନେ ତ ଆମ ଏ ସମୟର କଳୁଷିତ ଗୁରୁଙ୍କ ଛାତ୍ର ନୁହନ୍ତି ? ଆମ ମନ୍ତ୍ରୀଙ୍କ ଗୁରୁମାନଙ୍କ ସମୟର ବା ତାଙ୍କଠୁ ପୁରାତନ ସମୟର ଗୁରୁମାନେ ନିଶ୍ଚିତ ଏଭଳି ସୁବାସିତ ଶିକ୍ଷାର୍ଥୀ ମାନଙ୍କୁ ତିଆରି କରିଥିଲେ, ନୁହେଁକି କାଲୁ ?'

କାଲୁ ଆଁ କରି ମୋତେ ଚାହିଁ ରହିଲା । ମୁଁ ତାକୁ ଆଉ ଦୁଇଟି ବିସ୍କୁଟ ଦେଲି । ସେ ଖାଇଲାନି, କେବଳ ମୋତେ ଲୁଳୁଲୁଳୁ କରି ଅନାଇ କିଛି ଭାବି ହେଉଥାଏ ।

ମୁଁ ପୁଣି ଆରମ୍ଭ କଲି......

ପୂର୍ବରୁ ପ୍ରଥମ ଶ୍ରେଣୀରୁ ପାଶଫେଲ ବ୍ୟବସ୍ଥା ଥିଲା । ତେଣୁ, ଅଧିକାଂଶ ପିଲା ପାଠରେ ମନ ଦେଉଥିଲେ । କିନ୍ତୁ, ବର୍ତ୍ତମାନ ସେ ବ୍ୟବସ୍ଥା ନଥିବାରୁ ପିଲା ମାନେ ପାଠର ମହତ୍ୱ ବୁଝି ପାରୁ ନାହାନ୍ତି । ତୋତେ ଶୋଷ ନଲାଗିଲେ କିଏ ପାଣି ପିଆଇ ପାରିବ ଭଲା ?

ଦ୍ୱିତୀୟ କଥା ହେଉଛି, ସେତେବେଳେ ପ୍ରତି ଗ୍ରାମରେ ବିଦ୍ୟାଳୟ ନଥିଲା । ତେଣୁ ଦୂର ଗ୍ରାମକୁ ସମସ୍ତେ ବି ପଢିବାକୁ ଯାଉନଥିଲେ । କେବଳ ଯେଉଁମାନେ ବିଦ୍ୟା ମନସ୍କ ଥିଲେ ବା ଯେଉଁ ମାନଙ୍କ ଅଭିଭାବକମାନେ ଶିକ୍ଷା ପ୍ରତି ଯତ୍ନବାନ ଥିଲେ, ସେହିମାନେ ହିଁ ଦୂର ବିଦ୍ୟାଳୟକୁ ଯାଉଥିଲେ । ସେହିମାନେ ନିଃସନ୍ଦେହରେ ଭଲ ପଢୁଥିଲେ ବା ପାଶ୍ କରୁଥିଲେ ।

ତୃତୀୟତଃ, ଏବେ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ସଭିଏଁ ପଢନ୍ତୁ, ସଭିଏଁ ବଢନ୍ତୁ ନ୍ୟାୟରେ କୌଣସି ପିଲାକୁ ଡ୍ରପ ଆଉଟ ହେବାକୁ ଦିଆ ଯାଉନି । ଖାଦ୍ୟ, ପୋଷାକ, ଜୋତା, ବ୍ୟାଗ, ଟଙ୍କା, ସାଇକେଲ ଓ ବହି ଆଦି ବିଭିନ୍ନ ମାଗଣା ଲୋଭ ଦେଖାଇ ମ୍ୟାଟ୍ରିକ ପର୍ଯ୍ୟନ୍ତ ଯେନତେନ ପ୍ରକାରେଣ ବାନ୍ଧି ରଖିବା ପାଇଁ ଚେଷ୍ଟା କରାଯାଉଛି । ପିଲା ବିଦ୍ୟାଳୟକୁ ଶିକ୍ଷାୟନ ହିସାବରେ ଯେତିକି ନଦେଖୁଛି, ତା' ଠୁ ଅଧିକ ଏକ ସହାୟତା କେନ୍ଦ୍ର ବା ରିଲିଫ କ୍ୟାମ୍ପ ହିସାବରେ ଦେଖୁଛି । ଏମାନଙ୍କୁ କି ଉପାୟରେ ପାଠ ମନସ୍କ କରାଯିବ, କାଲୁ ?

ଚତୁର୍ଥତଃ, ଦଣ୍ଡ ମୁକ୍ତ ଅଂଚଳ ର ସାଂଘାତିକ ପ୍ରଭାବ ଆମକୁ ନିଦା ବିସ୍ମୁ କରିଦେଇଛି ।

କାଲୁ କହିଲା, "ନାଇଁ ସାର୍, ମୁଁ ଏଥିରେ ଏକମତ ନୁହେଁ । କୋମଳମତି ଛାତ୍ରଛାତ୍ରୀ ମାନଙ୍କୁ ଦଣ୍ଡ ଦେବା ଅସମୀଚୀନ । ମାଡ଼କୁ ଭୟ କରି ଅନେକ ପିଲା ପାଠ ପଢା ଛାଡ଼ିଛନ୍ତି ।"

ମୁଁ କହିଲି, 'କାଲୁ , ମୁଁ ବି ଦଣ୍ଡ ସପକ୍ଷରେ ନୁହେଁ । କିନ୍ତୁ, ଏହାର ଅର୍ଥ ନୁହେଁ ଯେ ପିଲାଙ୍କୁ ଆମେ ଟିକିଏ ତାଗିଦ ବି କରିପାରିବୁନି । ପିଲା ମାନେ ଯଦି ଆମକୁ ସାମାନ୍ୟ ବି ଭୟ ନକରିବେ, ତେବେ କିପରି ହେବ ? ମୁଁ କହିଲି, ଆଚ୍ଛା କାଲୁ, ତୁ ପରା କହିଲୁ ପୂର୍ବରୁ ମାଡ଼ ଭୟରେ ଅନେକ ପିଲା ସ୍କୁଲ ଛାଡ଼ିଛନ୍ତି ? ତା' ହେଲେ ସେହି ପୂର୍ବ ଗୁରୁମାନେ ଯଦି ମହାନ ଥିଲେ ତେବେ ବିନା ମାଡ଼ରେ ପଢାଇ ପାରୁନଥିଲେ କାହିଁକି ? କାହିଁକି ଅର୍ଦ୍ଧାଧିକ ପିଲା ଅଧାରୁ ବିଦ୍ୟାଳୟ ଛାଡୁଥିଲେ ? ଭଲ କି ଦେଖି କାଲୁ, ଯେଉଁ ମାନେ ମାଡ଼ ଡର ସହି ସ୍କୁଲ ଆସିଥିଲେ, ସେହିମାନେ ହିଁ ରତ୍ନ ପାଲଟିଛନ୍ତି ।'

ମୁଁ ଅମାନୁଷିକ ଦଣ୍ଡ ବା ମାଡ଼ ସପକ୍ଷରେ କହୁନି, କିନ୍ତୁ ସାମାନ୍ୟ ଧମକ ବା ଦଣ୍ଡ ଦେଲେ ଆଜି ଶିକ୍ଷକ ମିଡିଆରେ ହାଇଲାଇଟେଡ ହୋଇ ସସପେଣ୍ଡ ହେଉଛି । ଶିକ୍ଷାର୍ଥୀ ବି ଶିକ୍ଷକଙ୍କୁ ଟୋଲ-ଫ୍ରି ନମ୍ବରର ଧମକ ଶୁଣାଉଛି । ଆମ ପିଲା ବେଳେ ଆମେ ବିଦ୍ୟାଳୟରେ ବଗିଚା ତାଡ଼ି ଫୁଲଗଛ ଲଗାଉଥିଲୁ, ସଫେଇ କରୁଥିଲୁ, ଗାଁ ରୁ ଗୋବର ସଂଗ୍ରହ କରି ପ୍ରତି ଶନିବାର ଶ୍ରେଣୀକକ୍ଷ ଲିପୁଥିଲୁ, ଏମିତିକି ବିଦ୍ୟାଳୟରେ ସମସ୍ତ ଶାରୀରିକ କାର୍ଯ୍ୟ କରୁଥିଲୁ । କିନ୍ତୁ, ଏବେ ପିଲା ଝାଡୁ ଧରିଲେ ପ୍ରଧାନ ଶିକ୍ଷକ ନିଲମ୍ବିତ ।

ପ୍ରଥମତଃ, ସେତେବେଳେ ଶିକ୍ଷକ କେବଳ ପାଠ ପଢାଉଥିଲା । ବିଦ୍ୟାଳୟରେ ବର୍ଷଯାକ ପାଠ ପଢା ହିଁ ହେଉଥିଲା । କିନ୍ତୁ ଏବେ ଶିକ୍ଷକ ମୁଣ୍ଡରେ ହଜାରେ ଦାୟିତ୍ୱ । ସେ ହୋଇ ଯାଇଛି ଦଶଭୂଜା । ଗୋଟିଏ ହାତରେ ତରାଜୁ, ଅନ୍ୟ ହାତରେ ଅଣ୍ଡା ପେଟି, ଗୋଟିଏ ହାତରେ ଜାଳେଣୀ କାଠ ବୋଝ ତ ଅନ୍ୟ ହାତରେ ସଉଦା ହାଟ । କେଉଁ ହାତରେ ଭୋଟର ରେଜିଷ୍ଟର ତ ଆଉ କେଉଁ ହାତରେ ପାସବୁକ । ଗୋଟିଏ ହାତରେ ଝାଡୁ ତ ଆଉ ଗୋଟିଏ ହାତରେ ସଫେଇ ବ୍ରଶ୍ ଓ ଫିନାଇଲ ବୋତଲ । ଏତେ ସବୁ କାମ ସାରି ଆସି ବସି ପଡ଼ିବୁ ତ ହ୍ୱାଟସଅପରେ ସିଆରସିସି ବା ବିଇଓ ବା ଡିଇଓଙ୍କ ଠୁ ମେସେଜ ଆସିଥିବ .... ଏଇ ଫର୍ମାଟ ପୂରଣ କର, ସେହି ରେଜିଷ୍ଟର ପୂରଣ କର, ୟୁସି ଦିଅ, ଷ୍ଟାଇପେଣ୍ଡ ଫର୍ମ ପୂରଣ କରି ଆଜି ଦିଅ...... ଏମିତି ପ୍ରତିଦିନ ହଜାରେ ଫରମାଇସ ।

ବିଚରା କିରାଣୀ ବିହୀନ ପ୍ରଧାନ ଶିକ୍ଷକମାନେ ଅନ୍ୟ ଶିକ୍ଷକ ମାନଙ୍କୁ କ୍ଲାସରୁ ଡାକି ଆଣି କିରାଣୀ କାମରେ ଲଗାଇ ଦିଅନ୍ତି । ଆହୁରି ମଧ୍ୟ ବର୍ଷଯାକ ଶିକ୍ଷାକୁ ନେଇ ହଜାରେ ଏକ୍ସପେରିମେ[, ତେଣୁ ହଜାରେ ଥର ଟ୍ରେନିଂ ଓ ମିଟିଂ । କାଲୁ, ତୁ କହ, ପଢା ହେବ କେତେବେଳେ ? ପୂର୍ବ ଶିକ୍ଷକ ମାନେ କଣ ଏହିସବୁ କରୁଥିଲେ ? ଏବେ ବର୍ଷସାରା ଅନେକ ଦିବସ ଓ ସପ୍ତାହ ବା ପକ୍ଷ ପାଳନ କରିବାକୁ ବିଦ୍ୟାଳୟକୁ ଘନଘନ ତାଗିଦ ହେଉଛି । ଅନେକ କମ୍ପିଟିସନରେ ଭାଗ ନେବାକୁ ଚିଠି ଆସୁଛି । ଏ ସବୁର ପ୍ରସ୍ତୁତି ହେବ ନା ପାଠପଢା ହେବ ?

ଷଷ୍ଟତଃ, ପୂର୍ବରୁ ବିଦ୍ୟାଳୟ ଗୁଡ଼ିକ ସବୁ ନୂଆ ଖୋଲିଥିଲା । ତେଣୁ, ପ୍ରତି ବିଦ୍ୟାଳୟରେ ପୂର୍ଣ୍ଣ ସଂଖ୍ୟକ ବିଷୟ ଶିକ୍ଷକ ଥିଲେ । କାହାରିକୁ ବୋଝ ପଡୁନଥିଲା ବା କେହି ଜବରଦସ୍ତ ଅନ୍ୟର ବିଷୟ ପଢାଉନଥିଲେ । କିନ୍ତୁ ଏବେ ତୁ ଦେଖୁଥାଣ କାଲୁ, ସେ ସବୁ ସ୍କୁଲ ପୁରୁଣା ହେବା ପରେ ଓ ସେହି ସବୁ ମୂଳ ଶିକ୍ଷକ ଅବସର ନେବା ପରେ ପ୍ରାୟ କୌଣସି ବିଦ୍ୟାଳ-ୟରେ ପୂର୍ଣ୍ଣ ସଂଖ୍ୟକ ଶିକ୍ଷକ ନାହାନ୍ତି । ଯିଏ ଯାହା ପାରୁଛି ଅନ୍ୟର ବିଷୟ ପଢାଉଛି ।

ଏହା ବାଦ୍, ସରକାର ଓ ମିଡିଆ ଶିକ୍ଷକଙ୍କ ଉପରେ ଯେପରି ଜୁଲୁମ ଚଳାଇଛନ୍ତି ତାକୁ ଦେଖି ଅଭିଭାବକ ମାନେ ବି ତାଳି ମାରୁଛନ୍ତି । ଅଭିଭାବକ ମୁହଁରୁ ଶିକ୍ଷକ ବିରୋଧି ମନ୍ତବ୍ୟ ଶୁଣିଶୁଣି ଛାତ୍ରଛାତ୍ରୀମାନେ ବି ଶିକ୍ଷକ ବିରୋଧି ହୋଇ ପଡୁଛନ୍ତି । ତେଣୁ, ସେ ଶିକ୍ଷକର ପାଠ ବା ସେ ପିଲା ଶୁଣିବ କାହିଁକି ? ବୈଦ୍ୟ ପ୍ରତି ବିଶ୍ୱାସ ଓ ଶିକ୍ଷକ ପ୍ରତି ଭକ୍ତି ନରହିଲେ ରୋଗ ଓ ଅଜ୍ଞାନରୁ ମୁକ୍ତି ମିଳେନା । ପୂର୍ବରୁ କ'ଣ ଏହିପରି ହେଉଥିଲା, କାଲୁ ?'

କାଲୁ କହିଲା, 'ତା' ମାନେ ଆପଣ କଣ କହିବାକୁ ଚାହୁଁଛନ୍ତି ?

ମୁଁ କହିଲି, ' ମୁଁ ଏହା କହିବାକୁ ଚାହୁଁଛି ଯେ ମାନ୍ୟବର ଶିକ୍ଷାମନ୍ତ୍ରୀ ଯାହା କହିଲେ ଭୁଲ କହିଲେ । ସେତେ ବେଳର ଗୁରୁଙ୍କ ଭଳି ଆଜି ବି ଅନେକ ଗୁରୁ ଅଛନ୍ତି । ଆଜି ସେହିଭଳି ଜ୍ଞାନୀ, ପରିଶ୍ରମୀ ଓ ଛାତ୍ରବତ୍ସଳ ଗୁରୁ ଅସଂଖ୍ୟ ମାତ୍ରାରେ ଉପଲବ୍ଧ ।

କାଲୁ କହିଲା, ତା' ହେଲେ ଏତେ ପିଲା ଫେଲ ହେଉଛନ୍ତି କାହିଁକି ଏବେ ? ଏବେ ଗୁରୁ ମାନେ ଯଦି ଏତେ ଜ୍ଞାନୀ ଓ ଦକ୍ଷ, ତା' ହେଲେ ଗୁଣାତ୍ମକ ଶିକ୍ଷା କାହିଁ ?

ମୁଁ କହିଲି, ' ମୁମ୍ବାଇର ଶିବାଜୀ ପାର୍କରେ ମହାନ ଗୁରୁ ରମାକାନ୍ତ ଆଚରେକର ଅନେକ ପିଲାଙ୍କୁ କ୍ରିକେଟ ଶିକ୍ଷା ଦେଉଥିଲେ, କିନ୍ତୁ ସିଏ ଜଣେ ମାତ୍ର ସଚିନ ତିଆରି କରିପାରିଥିଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଅନେକ ରାଜପୁତ୍ରଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଉଥିଲେ, କିନ୍ତୁ ଅର୍ଜୁନ ତ ମାତ୍ର ଜଣେ ହୋଇପାରିଥିଲେ । ଗୁରୁଙ୍କର ପ୍ରତ୍ୟକ୍ଷ ସାନିଧ ନପାଇ ବି ଏକଲବ୍ୟ ଆହୁରି ମହାନ ଯୁଦ୍ଧା ହୋଇପାରିଲେ । ମାଡ୍ରାସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି କେତୋଟି କାଲାମ ତିଆରି କରିପାରିଛି ? ସେହି ଗୋଟିଏ । ଏ ସମସ୍ତ ଉଦାହରଣକୁ ତୁ ଭଲ ଭାବରେ ନିରେଖି ଦେଖ, କାଲୁ । ମହାନ ଗୁରୁ ମାନଙ୍କୁ ଯେତେବେଳେ ଜଣେଜଣେ ଅଧ୍ୟବସାୟୀ ଓ ପ୍ରତିବଦ୍ଧ ଶିଷ୍ୟ ମିଳିଛନ୍ତି ସେତେବେଳେ ଉଭୟ ଗୁରୁ ଓ ଶିଷ୍ୟ ଇତିହାସ ସୃଷ୍ଟି କରିଛନ୍ତି । ଏକା ଗୁରୁ କିଛି କରିପାରିବେନି । ଶିଷ୍ୟ ଓ ଅଭିଭାବକଙ୍କ ସହଭାଗୀତା ଏକାନ୍ତ ପ୍ରୟୋଜନୀୟ । କିନ୍ତୁ, ଅଧୁନା ସମାଜ ଶିକ୍ଷକଙ୍କୁ ରସାତଳଗାମୀ କରିଦେଇଛି । ଶିକ୍ଷକଙ୍କ ଠାରୁ ଅଳ୍ପ ଶିକ୍ଷିତ ସରପଂ ଓ ଛାତ୍ରଛାତ୍ରୀ ମାନେ ଦେବେ ଶିକ୍ଷକଙ୍କ ରିପୋର୍ଟ କାର୍ଡ୍ । ପିଲା ପାଇଖାନା ଯିବ, ଶିକ୍ଷକ ତାକୁ ବ୍ରଶ୍ ରେ ମାଜି ସଫା କରିବ । ତୁ ବି ଜାଣି ରଖିଥା କାଲୁ, ପୂର୍ବରୁ ଗୋଟିଏ ଅଂଚଳରୁ ଯେତିକି ଭଲ ପିଲା ବାହାରୁଥିଲେ, ଏବେ ବି ସେତିକି ବାହାରୁଛନ୍ତି । କିନ୍ତୁ, ଏବେ ସରକାର ପରିମାଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଉଥିବାରୁ ସେହି ହାରରେ ଭଲ ପିଲାଙ୍କ ସଂଖ୍ୟାର ପ୍ରତିଶତ କମିଯାଉଛି । 'ୱେଷ୍ଟେଜ ଆଣ୍ଡ ଷ୍ଟାଗନେଶନ' ସିଷ୍ଟମ ଗୁଣାତ୍ମକ ଶିକ୍ଷାକୁ ନଷ୍ଟ କରିଦେଇଛି । ଯଦି ପୂର୍ବର ଗୁରୁମାନେ ଠିକ ଥିଲେ, ଯଦି ପୂର୍ବର ଶିକ୍ଷାଦାନ ପଦ୍ଧତି ଠିକ ଥିଲା, ଯଦି ପୂର୍ବର ଶିକ୍ଷା ଗୁଣାତ୍ମକ ଥିଲା, ତେବେ କାହିଁକି କମିଶନ ପରେ କମିଶନ ବସାଇ ସେ ପଦ୍ଧତିକୁ ବଦଳାଇ ଦେଲ ? କାହିଁକି ଶିକ୍ଷକ ତାଲିମକୁ ଅଧିକ ଗୁରୁତ୍ୱ ଦେଲ ? କାହିଁକି ଶିକ୍ଷା ଯୋଜନାରେ ପରିବର୍ତ୍ତନ କଲ ?

କାଲୁ କହିଲା, "ହଁ ସାର, ସତକଥା, ଏତେ ଟ୍ରେନିଂ ଦେଇ, ଏତେ ପରୀକ୍ଷା କରାଇ, ଏ[ାନ୍ସ କରାଇ ଶିକ୍ଷକଙ୍କ ଜ୍ଞାନକୁ ସବୁ ପ୍ରକାର ନିକିତିରେ ତଉଲି ତଉଲି ଚାକିରୀ ଦେବା ପରେ ବି ଯଦି ମନ୍ତ୍ରୀ କୁହନ୍ତି, ସେ ବେଳର ପ୍ରଜ୍ଞାବାନ ଓ ଛାତ୍ରବତ୍ସଳ ଶିକ୍ଷକ ସେ ଏବେ ଖୋଜି ପାଉନାହାନ୍ତି, ତେବେ ତାହା ତାଙ୍କ ଖୋଜିବା ପ୍ରକ୍ରିୟା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।"

ମୁଁ କହିଲି, 'କାଲୁ, ଏବେ ଯେଉଁମାନେ ନେତା, ମନ୍ତ୍ରୀ, ଡାକ୍ତର, ଯନ୍ତ୍ରୀ ବା ବୈଜ୍ଞାନିକ ଅଛନ୍ତି, ସେମାନେ ସବୁ ସେ ବେଳର ଗୁରୁଙ୍କ ଛାତ୍ର । କିନ୍ତୁ, ଆସନ୍ତା ୧୫/୨୦ ବର୍ଷ ପରେ ଏ ଦୁନିଆ କ'ଣ ଡାକ୍ତର, ଯନ୍ତ୍ରୀ ବା ବୈଜ୍ଞାନିକ ଶୁନ୍ୟ ହୋଇଯିବକି ? ଯଦି ନାଁ, ତେବେ ଦେଶର ସେହି ଭବିଷ୍ୟତ ମାନେ କେଉଁ ଗୁରୁର ଛାତ୍ର ଭାବେ ପ୍ରତିଷ୍ଠିତ ହୋଇଥିବେ ?

କାଲୁ କହିଲା, ' ନିଶ୍ଚିତ ଭାବେ ଆଜିର ଏହି ଗୁରୁ ମାନଙ୍କର ଶିଷ୍ୟ ଆସନ୍ତାକାଲିର ଦେଶ ରକ୍ଷକ ହେବେ ।

କାଲୁ ତା'ର ଆଗ ଦୁଇ ଗୋଡ଼ ଟେକି ହାତ ଯୋଡ଼ିବା ମୁଦ୍ରାରେ ରହି କହିଲା, ' ଆଧୁନିକ ସମାଜର ହେ ଛାତ୍ରଛାତ୍ରୀ ! ହେ ଅଭିଭାବକ ! ହେ ମନ୍ତ୍ରୀ ! ହେ ପ୍ରଶାସନ ! ହେ ଚତୁର୍ଥଗୁଣା ମିଡିଆ ! ଦୟାକରି ଗୁରୁମାନଙ୍କୁ ଅନ୍ୟ ସହିତ ତୁଳନା କରନା । ସେମାନଙ୍କ ଭିତରେ ପ୍ରଚୁର ସମ୍ଭାବନା ଅଛି । ଗଭୀର ଭକ୍ତି, ଉପଯୁକ୍ତ ମର୍ଯ୍ୟାଦା ଓ ସମ୍ମାନ ଦ୍ୱାରା ସେ ସମ୍ଭାବନା ସବୁ ପ୍ରସ୍ଫୁଟିତ ହୋଇ ପାରିବ । ଯୁଗେଯୁଗେ କୌଣସି ପିଢୀର ଗୁରୁ କେବେ ଅନ୍ୟଠାରୁ ହୀନ ବା ମହାନ ହୋଇ ପାରେନା । ପ୍ରତ୍ୟେକ ସମୟର ଗୁରୁ ସେହି ସମୟର ସାମାଜିକ ଆଭିମୁଖ୍ୟ ଓ ଦାୟିତ୍ୱକୁ ନେଇ ନିଜନିଜର ଦାୟିତ୍ୱ ସମ୍ପାଦନ କରିଥା'ନ୍ତି । ଗୁରୁକୁ ତୁଳନା କରିବା ଅର୍ଥ ନିଜର ମୃତ୍ୟୁ ।

କାଲୁର ବିଚାର ଶୁଣି ମୁଁ ସ୍ତବ୍ଧ ହୋଇଗଲି ।



# ପଣ୍ଡିତ ଦେବାଶିଷ ଭଟ୍ଟାଚାର୍ଯ୍ୟ



:ଉପସ୍ଥାପନା:

**ସତ୍ୟଜିତ ମହାରଣା**
ଅଧ୍ୟକ୍ଷ
ସରାଙ୍ଗାନ ସଙ୍ଗୀତାନୁଷ୍ଠାନ
ବାଲେଶ୍ୱର

ପଣ୍ଡିତ ଦେବାଶିଷ ଭଟ୍ଟାଚାର୍ଯ୍ୟ ଜଣେ ଜଣାଶୁଣା ଆନ୍ତର୍ଜାତିକ ସ୍ତରୀୟ ଗୀଟାର ବାଦକ । ସଙ୍ଗୀତ କ୍ଷେତ୍ରରେ ନିଜର ପ୍ରତିଭାର ଲକ୍ଷଣ ଜନ୍ମରୁ ତାଙ୍କ ପାଖରେ ପ୍ରକାଶିତ ହୋଇପାରିଥିଲା । ଜନ୍ମର ମାତ୍ର ୪ ବର୍ଷ ବୟସରୁ ହିଁ ନିଜକୁ ଜଣେ ସଙ୍ଗୀତର ସିଦ୍ଧହସ୍ତ ପାରଦର୍ଶୀ ଓ ସଫଳ ଗିଟାରିଷ୍ଟ ହିସାବରେ ନିଜର କଳାତ୍ମକ ପରିଚୟ ବିଶ୍ୱ ଦରବାରରେ ପରିଚିତ ଓ ପ୍ରତିଷ୍ଠିତ କରିପାରିଛନ୍ତି । ଅଷ୍ଟମ ପିଢ଼ିର ଶାସ୍ତ୍ରୀୟ ସଙ୍ଗୀତର ଜଣେ ପୁରୋଧା ଭାବେ ନିଜର ଗିଟାର ବାଦନ କଳାର ଯାଦୁକାରିତା ଚମତ୍କାର ଭାବେ ପ୍ରଦର୍ଶନ କରିବା ସହିତ ଚତୁଃରଙ୍ଗୀ , ଆନନ୍ଦୀ , ଗାନ୍ଧର୍ବୀ ତଥା ଓ ବର୍ତ୍ତମାନର ପୁଷ୍ପ ବୀଣା ର ଉଦ୍ଭାବକ ଓ ଆବିଷ୍କାରକ । ତାଙ୍କର କଳାତ୍ମକ ବିକାଶ ଓ ବିଶେଷତ୍ୱ ଗୁରୁ ବିରଜୁଭୂଷଣ କାବରା, ପଣ୍ଡିତ ଅଜୟ ଚକ୍ରବର୍ତୀ, ଉସ୍ତାଦ ଆଲ୍ଲୀ ଆକବର ଖାଁ ଙ୍କ କଳାତ୍ମବୋଧ ଠାରୁ କୌଣସି ଗୁଣରେ ବି ନୁହେଁ ।

ହିନ୍ଦୁସ୍ତାନୀ ଫ୍ୟୁଜନ ସଙ୍ଗୀତ ତଥା ପାଶ୍ଚାତ୍ୟ ସଙ୍ଗୀତରେ ପଣ୍ଡିତଜୀ ବାସ୍ତବରେ ଯୋଗଜନ୍ମା କଳାର ପୂଜାରୀ ଓ ସେବକ, ଯାହାଙ୍କୁ ସାରା ବିଶ୍ୱ ଆଦରରେ ଡାକିଥାନ୍ତି ଦେବାଶିଷ ଜୀ ।

ଆଜିବି କଳାପ୍ରେମୀ ଦୁନିଆର ଅଗଣିତ ଦର୍ଶକ,ଶିଷ୍ୟବୃନ୍ଦ ଦେଶ ବିଦେଶରେ ଝୁରି ହେଉଛନ୍ତି ।ପଣ୍ଡିତ ଦେବାଶିଷଙ୍କ ଗିଟାର ବାଦନର ସ୍ପନ୍ଦନ ଓ ହାତର ଯାଦୁକରୀ ସମସ୍ତଙ୍କ ହୃଦୟ ଓ ପ୍ରାଣରେ ଜୀବନ ସଂଚାର କରି ଏକ ସମୟରେ ସ୍ପନ୍ଦିତ କରି ପାରିଛି ।ଏହି ଯାଦୁକରୀ ପାଇଁ ସେ ଜନମାନସଙ୍କ ଓ ପ୍ରତ୍ୟେକ ଦର୍ଶକଙ୍କ ପାଖରୁ ସାଉଁଟି ନେଇଛନ୍ତି ଅସୁମାରୀ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ।ସେ କେବଳ ଦର୍ଶକ ମାନଙ୍କୁ ବିମୋହିତ କରିନାହାଁନ୍ତି ବରଂ ଦୀର୍ଘ ଦଶନ୍ଧି ଧରି ବିଶ୍ୱସ୍ତରୀୟ ମାନ୍ୟତା ପାଇଛନ୍ତି । ସେଂଟ୍ରାଲ ଏସିଆ,ଏସିଆ ପେସିଫିକ ବିଶ୍ୱ ସଙ୍ଗୀତ ଶୀର୍ଷ ୧୦ରେ, ଆମାଜନ ଟପ୍ ୧୦, ନ୍ୟାସନାଲ ଜୋଗ୍ରାଫୀରେ ନିଜକୁ ସାମିଲ କରି ପାରିଛନ୍ତି ।

ସଙ୍ଗ ଲାଇନ ମ୍ୟୁଜିକ ୱାର୍ଲ୍ଡ ୧୯୮୪ମସିହାରେ ,ଭାରତର ସ୍ୱର୍ଣ୍ଣ ପଦକ, ୨୦୧୬ ଗୀତ ଲାଇନ୍ ମ୍ୟୁଜିକ୍ ଆୱାର୍ଡ, ୨୦୦୨ଏବଂ ୨୦୦୯ ଗ୍ରାମୀ ନୋମିନୀ, ୨୦୦୭ ବିବିସି ପ୍ଲାନେଟ୍ ପୁରସ୍କାର, ୨୦୦୫ ଏସିଆଟିକ୍ ସୋସାଇଟି ସ୍ୱର୍ଣ୍ଣ ପଦକ, ୧୯୮୪ମସିହାର ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣ ପଦକ ପ୍ରାପ୍ତି ଉଲ୍ଲେଖଯୋଗ୍ୟ ।

୫୫ ବର୍ଷର ଗିଟାର ବାଜିବା ଦ୍ୱାରା ଯୁବ ଗିଟାରିଷ୍ଟମାନଙ୍କର ଏକ ରେଖା ସୃଷ୍ଟି ହୋଇଛି, ସେମାନଙ୍କ ମଧ୍ୟରୁ ୩୦୦୦ରୁ ଅଧିକ ହେଉଛି ଚାରି ପିଢୀ ତାଙ୍କର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଶିଷ୍ୟ ଓ ଶିଷ୍ୟ ପରମ୍ପରା ।

ସଙ୍ଗ ଲାଇନ ମ୍ୟୁଜିକ ୱାର୍ଲ୍ଡ ୧୯୮୪ମସିହାର ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱର୍ଣ୍ଣ ପଦକ,୨୦୦୫ମସିହାରେ ଏସିଆଟିକ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ମଧ୍ୟରେ ଅନ୍ୟତମ । ତାଙ୍କର ଗିଟାର୍ ସାଉଣ୍ଡ୍ କ୍ୟାପ୍ ବିଷୟରେ କଳ୍ପନା ଚାରିଟି ଗିଟାର୍ ସୃଷ୍ଟି କରିଛି ଯାହାକି ବିଶ୍ୱବ୍ୟାପୀ ଦେ୍ୱାଶିଷ ଜୀଙ୍କର ସୃଷ୍ଟି ଭାବରେ ଗ୍ରହଣ କରାଯାଇଛି । ଦେବାଶିଷ ଭଟ୍ଟାଚାର୍ଯ୍ୟଙ୍କ ହିନ୍ଦୁସ୍ତାନୀ ସଙ୍ଗୀତ ଫ୍ୟୁଜନରେ ଏକ ଉଚ୍ଚ ସ୍ତରୀୟ ସ୍ଥାନ ଦେଇଛି । ଭାରତୀୟ ସଙ୍ଗୀତ ଇତିହାସରେ ପ୍ରଥମ ଥର ପାଇଁ ଅନେକ ବିଶ୍ୱ ସଙ୍ଗୀତ ସହଯୋଗ ଉତ୍ପାଦନ କଲା । ଭାରତୀୟ ଏବଂ ବିଶ୍ୱ ସଙ୍ଗୀତର ଭବିଷ୍ୟତ ପ୍ରକଳ୍ପର ଏକ ସନ୍ଦର୍ଭ ଭାବରେ କ୍ରସ୍ ସାଂସ୍କୃତିକ ସେତୁ ତିଆରି ।



ଜଣେ ରଚନା ଭାବରେ ସମସାମୟିକ ରଚନାରେ ତାଙ୍କର ଅନନ୍ୟ ପଦକ୍ଷେପ ଆମେରିକୀୟ ଡୋବ୍ରୋ ଗିଟାରିଷ୍ଟଙ୍କ ଭଳି ୧୨ ଥର ଗ୍ରାମି ବିଜେତା ଜେରୀ ଡଗଲାସ, ଆଫ୍ରିକୀୟ କୋରା କିମ୍ବଦନ୍ତୀ ବାଲାକେ ସିସୋକୋ, ଜାଜ୍ ଗିଟାର କିମ୍ବଦନ୍ତୀ ଜନ୍ ମ୍ୟାକ୍ ଲାଫଲିନ୍, ମୋରୋକୋ ଓଡ୍ କିମ୍ବଦନ୍ତୀ ଡ୍ରିସ୍ ଏଲ୍ ମାଲୁମି, ଆମେରିକୀୟ ବ୍ଲୁଜମ୍ୟାନ୍ ବବ୍ ବ୍ରୋଜମାନ, ବ୍ରିଟିଶ ଗାୟକ ମାର୍ଟିନ ସିମ୍ପସନ୍, ଅଷ୍ଟ୍ରେଲୀୟ ରକର୍ ଜନ୍ ବଟଲର୍ ଆମେରିକୀୟ ରକର୍ ହେନେରୀ କାଇଜର, ଭାରତୀୟ କିମ୍ବଦନ୍ତୀ ଉସ୍ତାଦ୍ ଜାକିର ହୁସେନ୍, ଭାରତରତ୍ନ ପଣ୍ଡିତ ରବି ଶଙ୍କର ଏବଂ ଅନ୍ୟମାନେ । ପିୟୋନିଅର୍ ଏବଂ ଗୁରୁ ଭାବରେ ଦେବାଶିଷ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଦେଶ ତଥା ବିଦେଶରେ ଶିକ୍ଷା ଦେଇଛନ୍ତି, ତଥାପି ସେ ଏକ ଶିକ୍ଷାଦାନ ପ୍ରଣାଳୀ ଏବଂ ବିଶ୍ୱ ସଂଗୀତ ଶିକ୍ଷାର ଅନନ୍ୟ ଅଧ୍ୟାୟ ପ୍ରସ୍ତୁତ କରିଛନ୍ତି । ଶବ୍ଦ, ବାଦ୍ୟଯନ୍ତ୍ର ଏବଂ ଗୀତରୁ । ଚାଣକ୍ୟ କାର୍ଯ୍ୟରେ ଦେବାଶିଷ ବଙ୍ଗଳାର ଗିଟାର ଲୁଥିଆର୍ ପରିବାର, ମହାମାରୀ ପୀଡିତ କଳାକାର ଏବଂ କାରିଗରମାନଙ୍କୁ ସହାୟତା ପ୍ରଦାନ କରନ୍ତି । ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱର୍ଣ୍ଣ ପଦକ,୨୦୦୫ମସିହାରେ ଏସିଆଟିକ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ମଧ୍ୟରେ ଅନ୍ୟତମ । ବହୁ ଦିଗଦର୍ଶୀ ସଙ୍ଗୀତଜ୍ଞ ଜେରୀ ମୋଗଲ, ଆଫ୍ରିକୀୟ ବାଲାକେ ସିସକୋ, ତଥା ଭାରତରତ୍ନ ସଙ୍ଗୀତଜ୍ଞ ପଣ୍ଡିତ ରବି ଶଙ୍କର ପଦ୍ମଶ୍ରୀ ଉସ୍ତାଦ ଜାକିର ହୁସେନ ଙ୍କ ସହ ନିଜର ଆକର୍ଷଣୀୟ ସଙ୍ଗୀତ ପରିବେଷଣ ଜାରି ରଖିବା ସହ ଏ ଯାବତ ସଙ୍ଗୀତ ଦୁନିଆରେ ଓ ଗିଟାର ବାଦନ କ୍ଷେତ୍ରରେ ଶ୍ରେଷ୍ଠ ପରାକାଷ୍ଠା ପ୍ରତିପାଦିତ କରିପାରିଛନ୍ତି ।

# ଦିବ୍ୟା ନାରୀ



ସୁଧୀର୍ କୁମାର୍ ଦ୍ୱିବେଦୀ
ଶାସନ ସାହି,ଦେବଗଡ଼

୧୯୭୧ ମସିହା ଠାରୁ ଆଜିପର୍ଯ୍ୟନ୍ତ ପ୍ରତି ବର୍ଷ ଏହି ଦିନଟି ସୁଲୋଚନା ଦେବୀଙ୍କ ପାଇଁ ଉଭୟ ଗୌରବ ଓ ଅପ୍ରାପ୍ତି ଜନିତ ସନ୍ତାପ ର ଦୁଇଟି ଭାବ ତାଙ୍କ ମନ ଓ ଶରୀରକୁ ଆଚ୍ଛନ୍ନ କରି ରଖେ । ତମାମ ସେଦିନ ସେ ଆଖିରୁ ଲୋତକ ଗଡେଇ ଥାନ୍ତି । ସୁଲୋଚନାଙ୍କ ଜୀବନର ଗତିପଥ ବଦଳାଇ ଦେଇଥିବା ସେହି ଦିନର ସ୍ମୃତି ଚିହ୍ନକ ତାଙ୍କ ମନରେ ପୁନର୍ବାର ତାଜା ହୋଇଉଠେ ..... ।

୧୯୬୬ ମସିହାରେ ମାତ୍ର ତେର ବର୍ଷ ବୟସରେ ତାଙ୍କର ବାଲ୍ୟ ବିବାହ ହୋଇ ଥିଲା ପନ୍ଦର ବର୍ଷ ବୟସ୍କ ଅର୍ଜୁନ ସିଂ ଙ୍କ ସହ । ୧୯୭୧ ମସିହା ବେଳକୁ ତାଙ୍କ ବିବାହକୁ ୫ ବର୍ଷ ପୁରି ସରିଥିଲେ ମଧ୍ୟ ବାଲ୍ୟ ବିବାହ ପ୍ରଥା ଅନୁସାରେ ସୁଲୋଚନା ଦେବୀ 'ଗୌନା' ଯାଇନଥିଲେ । ଆଉ କିଛିମାସ ମଧ୍ୟରେ ତାଙ୍କର ଗୌନା ଯିବାର ଥିଲା । ମାତ୍ର ହଠାତ ଦିନେ ପୂର୍ବ ଯୋଜନା ନଥାଇ ସୁଲୋଚନାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ନେବାକୁ ଆସିଗଲେ । ସେମାନେ ଆସି ସୁଲୋଚନାଙ୍କ ପିତାମାତାଙ୍କ ସହ କେଉଁ ଗୋଟିଏ ଗମ୍ଭୀର ବିଷୟରେ ଆଲୋଚନା କଲେ । ସମସ୍ତଙ୍କ ମୁହଁ ଦୁଃଖରେ ମଳିନ ପଡିଯାଇଥିଲା । ସୁଲୋଚନାଙ୍କ ମାଆ ତାଙ୍କ ପଣତ କାନିରେ ଆଖିରୁ ନିରବରେ ଲୁହ ପୋଛି ଚାଲିଥିଲେ । ସୁଲୋଚନାଙ୍କ ନିକଟରେ ସବୁ କିଛି ଗୁପ୍ତ ରଖା ଯାଇଥିଲା । ସୁଲୋଚନା ମଧ୍ୟ ନିଜ ଚପଳ ସ୍ୱଭାବ ଯୋଗୁଁ ଏଥିରେ ମୁଣ୍ଡ ନ ଖେଳାଇ ନିଜ କାମରେ ବ୍ୟସ୍ତ ରହିଥିଲେ । ସଙ୍ଗେ ସଙ୍ଗେ ସୁଲୋଚନାଙ୍କୁ ନେଇ ଗୋଟିଏ ଜିପରେ ସମସ୍ତେ ତାଙ୍କ ଶ୍ୱଶୁର ଘର ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲେ ।

ସେତେବେଳେ ବାଳ ବିବାହର ପ୍ରଚଳନ ଥିଲା । ଯେତେବେଳେ ଝିଅର ହସିବା,ଖେଳିବା,ପଢିବା ସମୟ ସେତେବେଳେ ପିତାମାତା ଝିଅଟିକୁ ବୋଝ ଭାବି ଅଳ୍ପ ବୟସରୁ ବିବାହ କରାଇ ଦେଉଥିଲେ ।ଉଭୟ ଶାରୀରିକ, ମାନସିକ ଭାବରେ ଅପରିପକ୍ୱ ଥିବା ଅବସ୍ଥାରେ ବିବାହ,ସ୍ୱାମୀ,ଶାଶୁ ଶ୍ୱଶୁର ଆଦି ଶବ୍ଦ ଗୁଡ଼ିକ ସହ ପରିଚିତ ହେବ ପୂର୍ବରୁ ଝିଅଟିକୁ ବିବାହ ରୂପକ ବେଡ଼ିରେ ତାକୁ ବାନ୍ଧି ଦିଆଯାଉଥିଲା । ବିବାହ ପରେ ଯଦିଓ ସେ ସଙ୍ଗେ ସଙ୍ଗେ ଶ୍ୱଶୁର ଘରକୁ ଯାଉ ନଥିଲା, ତା ନିଜ ପରିବାରର ଲୋକ ହିଁ ତା ଗତି ବିଧି ଉପରେ ତୀକ୍ଷ୍ଣ ନଜର ରଖୁଥିଲେ ।ଶାଶୁ ଘରେ କିପରି ଚଳିବାକୁ ହୁଏ ତାର ତାଲିମ ଆରମ୍ଭ ହୋଇଯାଏ । ତାଲିମ ନାମରେ ତାକୁ ସର୍ବଦା ଗଞ୍ଜଣା ଓ ନିର୍ଯ୍ୟାତନା ଭୋଗିବାକୁ ହୋଇଥଏ । କା ସହିତ କଥା ହେଲେ ଦୋଷ,କଥା ନହେଲେ ଦୋଷ,ଖାଇଲେ ଦୋଷ, ନ ଖାଇଲେ ଦୋଷ,ହସିଲେ ଦୋଷ, କାନ୍ଦିଲେ ଦୋଷ । ରୋଷେଇ କରିବା,ଯୋଗି ଦେବା,ଧୀର କୋମଳ ମଧୁର ବଚନ କହିବା,କାହା ମୁହଁରେ ଜବାବ ନଦେବା,ଶାଶୁ ଶ୍ୱଶୁର ଙ୍କ ସେବା କରିବା ଆଦି ଘର ଚଳଣି ବିଷୟରେ ତାକୁ ତାଲିମ ଦିଆଯାଏ । ଶ୍ୱଶୁର ଘରେ ତା ବାପା ମାଆ ଙ୍କ ନାକ ଯେପରି ନ କଟେ ଝିଅଟିକୁ ବାରମ୍ବାର ଚେତେଇ ଦିଆଯାଏ । ତାର ଟିକିଏ ଦୋଷ ତ୍ରୁଟି ଦେଖିଲେ ଝିଅଟି ମୁଣ୍ଡରେ ହାତୁଡି ମାରିବାକୁ କେହି ପଛାନ୍ତି ନାହିଁ ।

ବିବାହର ବର୍ଷେ,ତିନି,୫ କିମ୍ବା ସାତ ବର୍ଷରେ ଝିଅଟିକୁ ବଧୂ ରୂପରେ ନେଇଯିବାକୁ ଶ୍ୱଶୁର ଘରୁ ଡାକରା ଆସେ ।ଏ ପରମ୍ପରା କୁ 'ଗୌନା' କୁହାଯାଏ । ନାନା ବିଧି ପରମ୍ପରା ପାଳନ ପୂର୍ବକ ଝିଅଟିକୁ ତା ଶ୍ୱଶୁର ଘର ଲୋକେ ଆସି ନେଇଯାନ୍ତି । ସେଇ ଦିନଠାରୁ ଝିଅର ବୈବାହିକ ଜୀବନ ଆରମ୍ଭ ହୁଏ ।

ଦିନେ ସୁଲୋଚନା ଘର ଲୋକଙ୍କ ଠାରୁ ଶୁଣିବାକୁ ପାଇଲେ ତାଙ୍କ ସ୍ୱାମୀ ସୈନ୍ୟବାହିନୀରେ ଯୋଗ ଦେଇଛନ୍ତି । ମନେମନେ ଖୁବ ଖୁସି ହୋଇଥିଲେ ସୁଲୋଚନା ସେଦିନ । ଏମିତି ତାଙ୍କ ସମ୍ପ୍ରଦାୟର ଅନେକ ବୀର ସୈନ୍ୟବାହିନୀରେ ଯୋଗ ଦେଇଛନ୍ତି । ଦେଶକୁ ଶତ୍ରୁଙ୍କ ଆକ୍ରମଣରୁ ରକ୍ଷା କରନ୍ତି । ଖୁବ ଶୀଘ୍ର ଅର୍ଜୁନ ଛୁଟି ନେଇ ଆସିବେ ଓ ସୁଲୋଚନାଙ୍କୁ ନିଜ ଘରକୁ ନେଇଯିବେ । ମନରେ ଅସୁମାରୀ ସ୍ୱପ୍ନ । ସ୍ୱାମୀଙ୍କୁ ସେ ଦେଖିବାର ସୁଯୋଗ ପାଇନାହାନ୍ତି । ଘର ଲୋକଙ୍କ କଥାବାର୍ତ୍ତା ରୁ ସେ ଶୁଣିଥିଲେ ତାଙ୍କ ସ୍ୱାମୀ କୁଆଡେ ରାଜକୁମାର ପରି ଦେହେରା । ଉଚ୍ଚ ଶିକ୍ଷିତ,ବେଶ୍ ସୁସ୍ଥ ସବଳ ମଧ ।

ଅର୍ଜୁନ ସିଂଙ୍କ ଛୁଟି ମଞ୍ଜୁର ହୋଇ ସାରିଥିଲା । ମାତ୍ର ହଠାତ ଭାରତ ଓ ପାକିସ୍ତାନ ମଧରେ ଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା । ଅର୍ଜୁନ ସିଂଙ୍କ ଛୁଟି ବାତିଲ ହେଲା । ତାଙ୍କୁ ଯୁଦ୍ଧରେ ଯୋଗଦାନ ପାଇଁ ସୀମାକୁ ଯିବାକୁ ପଡିଲା । ଅର୍ଜୁନ ସିଂ ଓ ତାଙ୍କ ଦଳ ଗୋଟେ ଟ୍ୟାଙ୍କରେ ସବାର ହୋଇ ଘୋମାସନ ଯୁଦ୍ଧ ଆରମ୍ଭ କରିଦେଲେ । ଶତ୍ରୁ ପକ୍ଷର ଅନେକ ବିନାଶ ରଚାଇଲେ । ଯୁଦ୍ଧରେ ତଲ୍ଲୀନ ହୋଇ ସେ ଓ ତାଙ୍କ ଦଳ ପାକିସ୍ତାନ ସୀମା ମଧକୁ କେତେବେଳେ ପ୍ରବେଶ କରି ଯାଇଛନ୍ତି ଜାଣି ପାରିନଥିଲେ । ହଠାତ ଶତ୍ରୁ ପକ୍ଷର ଗୋଟେ ବମ ଆସି ପଡିଲା ତାଙ୍କ ଟ୍ୟାଙ୍କ ଉପରେ । ଅର୍ଜୁନ ସିଂଙ୍କ ସମେତ ସେଥିରେ ସବାର ଥିବା ସବୁ ସୈନ୍ୟ ଦେଶ ପାଇଁ ଶହୀଦ ହୋଇଗଲେ ।

ଶଶୁର ଘରେ ଆସୁ ଆସୁ ସମଗ୍ର ଗ୍ରାମ ଲୋକାରଣ୍ୟ ହୋଇ ପଡିଥିବାର ଦେଖିଲେ । ଗୋଟିଏ ବୀର ରସରେ ପ୍ଲାବିତ ହୋଇ ଉଠିଥିଲା ସମଗ୍ର ପରିବେଶ । କିଛି ସମୟ ପରେ ଗ୍ରାମ୍ୟ ରାସ୍ତାରେ ଧୂଳି ଉଡାଇ କ୍ଷିପ୍ର ଗତିରେ ଗୋଟିଏ ପରେ ଗୋଟିଏ ଯାନବାହନ ଆସୁଥିଲେ । ଗାଡ଼ିଟିଏ ଅତିକ୍ରମ କରିବା ମାତ୍ରକେ ରାସ୍ତାର ଉଭୟ ପାର୍ଶ୍ୱରେ ଦଣ୍ଡାୟମାନ ଥିବା ଜନତା ଉଦବିଗ୍ନ ହୋଇ ଚାହିଁ ରହୁଥିଲେ ।



ଶେଷରେ ବହୁ ପ୍ରତୀକ୍ଷିତ ସୈନ୍ୟବାହିନୀର ଗୋଟେ ସୁସଜ୍ଜିତ ଭ୍ୟାନ ଆସି ସୁଲୋଚନାଙ୍କ ଶଶୁର ଘର ନିକଟରେ ଲାଗିଲା । ଭ୍ୟାନ ପଛରେ ହଜାର ହଜାର ଲୋକ,ଶହ ଶହ ବାଇକ ଓ ଅନ୍ୟାନ୍ୟ ଯାନବାହନ ସବୁର ଧାଡ଼ି ଲାଗିଥିଲା । ଶହୀଦ ଙ୍କ ଶେଷ ଦର୍ଶନ ପାଇଁ ଛୋଟ ଗାଁଟି ଏତେ ଲୋକାରଣ୍ୟ ହୋଇ ଉଠିଲା ଯେ ଗାଁର କୌଣସି ସ୍ଥାନରେ ସୋରିଷଟିଏ ବି ପକାଇବାକୁ ଯାଗା ନଥିଲା । ନିରବିଚ୍ଛିନ୍ନ ଭାବରେ 'ଭାରତ ମାତା କି ଜୟ' "ଅର୍ଜୁନ ସିଂ ଅମର ରହେ" ଆଦି ନାରା ରେ ସମଗ୍ର ଗ୍ରାମ ପ୍ରକମ୍ପିତ ହେଉଥିଲା । ତାଙ୍କ ସ୍ୱାମୀ ଉଣେଇସି ବର୍ଷ ବୟସରେ ଯେ ଶହୀଦ ହୋଇଯାଇଛନ୍ତି,ଏକଥା ସୁଲୋଚନା ଦେବୀଙ୍କ ନିକଟରେ ଆଉ ଅଛପା କିଛି ରହିଲା ନାହିଁ । ସେ ଯେମିତି କାଷ୍ଠ ପ୍ରତିମା ପ୍ରାୟ ନିଷ୍ପ୍ରାଣ ହୋଇଗଲେ । ସେଠାରେ କିଛି ସମୟ ରହି ଭ୍ୟାନଟି ଶ୍ମଶାନ ଅଭିମୁଖେ ଯାତ୍ରା ଆରମ୍ଭ କଲା । ସୈନ୍ୟବାହିନୀର ଏକ ସ୍ୱତନ୍ତ୍ର କାର୍ ରେ ସୁଲୋଚନା ଦେବୀଙ୍କୁ ମଧ ସାଙ୍ଗରେ ନିଆଗଲା । ସେହି କାର୍ ରେ କିଛି ସେନା କର୍ମଚାରୀ ଙ୍କ ସମେତ ତାଙ୍କ ପିତା ଓ ଶଶୁର ମଧ ଥିଲେ । ପୂର୍ବରୁ ଆସିଥିବା ବିଭିନ୍ନ ଅଧିକାରୀ ମାନେ ଶହୀଦଙ୍କ ଅନ୍ତିମ ସଂସ୍କାର ନିମନ୍ତେ ସମସ୍ତ ବନ୍ଦୋବସ୍ତ କରିସାରିଥିଲେ ।

ଶେଷରେ ପତ୍ନୀ ହିସାବରେ ସ୍ୱାମୀ ଙ୍କ ପ୍ରଥମ ଓ ଅନ୍ତିମ ଦର୍ଶନ ନିମନ୍ତେ ସୁଲୋଚନା ଦେବୀଙ୍କୁ ସମ୍ମାନର ସହ କିଛି ସୈନ୍ୟବାହିନୀର ଅଧିକାରୀ ତାଙ୍କ ମର ଶରୀର ନିକଟକୁ ନେଲେ । ସ୍ୱାମୀଙ୍କ ସ୍ନେହ ଓ ପ୍ରେମ ପାଇବାରୁ ବଂଚିତ ସୁଲୋଚନା ଦେବୀଙ୍କ ଉପରେ ଆଜି ହଜାର ହଜାର ଲୋକଙ୍କ ଦୃଷ୍ଟି ନିବଦ୍ଧ ହୋଇଥିଲା । ସ୍ୱାମୀଙ୍କ ସହ ପଦୁଟିଏ କଥା ହେବା ଦୂରର କଥା,ତାଙ୍କୁ ସେ କେବେ ଦେଖି ନଥିଲେ । ପ୍ରଥମ ଦେଖାରେ ହିଁ ସ୍ୱାମୀଙ୍କ ମର ଶରୀର ଉପରେ ତ୍ରିରଙ୍ଗା ପତାକା ଘୋଡା ଯାଇଥିବାର ଦେଖିଲେ । ମୁହଁ ଦେଖାଇବାରୁ ମୁହଁରେ ମଧ ପଟି ବନ୍ଧାଯାଇଥିବାର ସେ ଦେଖିଲେ । ସୁଲୋଚନାଙ୍କ କମନୀୟ ଆଖି ଯୋଡିକ ପଥର ପାଲଟି ଯାଇଥିଲା । ସେଥିରେ ଲୁହ ନଥିଲା । ମୁହଁରେ ଶିଶୁଟିଏର ସାରଲ୍ୟ ବିରାଜମାନ କରୁଥିଲା । ଦିନଟିଏ ମଧ ସାଥି ନ ହୋଇ ନିଜର ଜନ୍ମ ଜନ୍ମାନ୍ତର ର ସାଥି ଙ୍କୁ ମନେମନେ ଅନ୍ତିମ ସଲାମ କଲେ ସୁଲୋଚନା ।



ବିଗୁଲ ବାଜି ଉଠିଲା । ଏକୋଇସି ତୋପର ସଲାମି ଦିଆଗଲା । ଜଣେ ଶହୀଦ ର ଅନ୍ତିମ ସଂସ୍କାର ନିମନ୍ତେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସମ୍ପନ୍ନ ହେଲା । ଶହୀଦ ଙ୍କ ଜଣେ ପୁତୁରା ମୁଖାଗ୍ନି ଦେଲେ । ସୁଲୋଚନା ଙ୍କୁ ତାଙ୍କ ଶଶୁର ଘରକୁ ଫେରାଇ ଅଣାଗଲା । ସେଠାରେ ଆସିବା ପରେ ମଧ୍ୟ ଶ୍ମଶାନ ରୁ 'ଭାରତ ମାତା କି ଜୟ' 'ଅର୍ଜୁନ ସିଂ ଅମର ରହେ' ଧାଡ଼ି ଦୁଇଟି ତାଙ୍କ କାନକୁ ସ୍ପଷ୍ଟ ଶୁଣା ଯାଉଥିଲା ।

ଆମ ଦେଶ ଭାରତର ସୁରକ୍ଷା ପାଇଁ ଜୀବନ ଦେବା ନିମନ୍ତେ ଦେଶର ଯୁବାବର୍ଗ ସଦା ତତ୍ପର । ଦେଶରେ ଏମିତି ଅନେକ ଦିବ୍ୟା ନାରୀ ଅଛନ୍ତି ଯେଉଁମାନେ ଦେଶ ହିତ ପାଇଁ ସ୍ୱାମୀ ରୂପକ ଅମୂଲ୍ୟ ଧନକୁ ହରାଇଛନ୍ତି । ସୁଲୋଚନା ଙ୍କ ଦୃଷ୍ଟାନ୍ତ ବିରଳତମ କହିଲେ ଅତ୍ୟୁକ୍ତି ହେବ ନାହିଁ । କୋଠର ଏ ସମାଜ,ଆହୁରି କୋଠର ତାର ରୀତିନୀତି । ସ୍ୱାମୀଙ୍କ କେବଳ ଅନ୍ତିମ ଯାତ୍ରାର ସ୍ମୃତି କୁ ପାଥେୟ କରି ବାଳ ବିଧବାଟି ସେ ଆଜି ଜୀବନର ସାୟାହ୍ନ ରେ ଉପନୀତ । ମାତ୍ର ସେ ଅନୁଭବ କରିଛନ୍ତି ଭାରତରେ ଦେଶ ପାଇଁ ଜୀବନ ଦେଇଥିବା ଜଣେ ଶହୀଦ ର ସ୍ତ୍ରୀ କହିଲେ ଅନ୍ୟ ପରିଚୟର ଆବଶ୍ୟକତା ପଡିନଥାଏ । ତା ପାଇଁ ସର୍ବ ଦ୍ୱାର ଉନ୍ମୁକ୍ତ । ତା ନିକଟରେ ଏ ଦେଶର ପ୍ରତିଟି ନାଗରିକ ନିଜକୁ ଋଣୀ ମନେ କରନ୍ତି । କେବଳ ନାଗରିକ କାହିଁକି,ସେହି ଦିବ୍ୟା ନାରୀ ଠାରୁ ଆଦେଶ ପାଇବା ପରେ ହିଁ ଏ ଦେଶର ନଦୀ ପ୍ରବାହିତ ହୁଏ,ପବନ ବୁହେ,ବୃକ୍ଷରେ ପୁଷ୍ପ ପଲ୍ଲବିତ ହୁଏ । ତା ମନରେ ଟିକିଏ ହରଷ ସୃଷ୍ଟି ପାଇଁ କୋଇଲି କୁହୁ କୁହୁ ତାନରେ ଗୀତ ଗାଏ ।

ଗୌରବ ରେ ଫୁଲି ଉଠେ ସୁଲୋଚନା ଙ୍କ ଛାତି । ଏ ଗୌରବ ତୁଳନାରେ ଭୌତିକ ସୁଖ ସତରେ କେତେ ତୁଚ୍ଛ !!!



# ଦାଦନର ପ୍ରେମ କାହାଣୀ

ଆଲୋକ କୁମାର ପ୍ରଧାନ
ଫକିର ମୋହନ ବିଶ୍ୱବିଦ୍ୟାଳୟ

ବାସ୍ତବରେ ପ୍ରେମ ଏକ ସାରସ୍ୱତ ସୃଷ୍ଟିର ଚିର ସବୁଜ ବାସ୍ନା । ପ୍ରେମର ଆଦି ନାହିଁ କି ଅନ୍ତ ନାହିଁ । ସବୁ ମଣିଷ ଦିନେ ନ ଦିନେ ସେଇ ପ୍ରେମର ଅକୁହା କଥାର ସ୍ପର୍ଶକୁ ଉପଲବ୍ଧି କରିଥିବେ । ଆଜିର ଏଏଇ ଖଂଡର ଗଳ୍ପଟିରେ ଜଣେ ଦାଦନ (ଶ୍ରମିକ)ର ପ୍ରେମ କିପରି ନିବିଡ ତାର ବନ୍ଧନରେ ବାନ୍ଧି ହୋଇଯାଇଛି ସେଇ ବିଷୟରେ ଦେଖିବା । ଏଇ ଗଳ୍ପଟିରେ ନାୟକ ହେଉଛି ସ୍ମୃତି ଏବଂ ନାୟିକା ହେଉଛି ଅଲିଭା ।

ସ୍ମୃତି ପରିବାରର ଦୁଃଖ ଦୂର କରିବା ପାଇଁ କାମ ଖୋଜୁଥିଲା । ଗାଁରେ କାମ ମିଳୁନଥିବାରୁ ବହୁତ ଦୁଃଖରେ ତାର ସମୟ ବିତୁଥିଲା । ଘରେ ତାର ବଢ଼ିଲା ଭଉଣୀ, ତାର ବି ବାହାଘର ବାଇଦ୍ବନିର୍ବାହ କରିବାର ଥିଲା, ଗାଁ ରେ ତାର ଜମିବାଡ଼ି ସେତେ ବି ନଥିଲା ।

ଏଇ ଭଳି ବୁଲୁଥିବା ସମୟରେ ଗାଁରେ ତାର ଜଣେ ଦଲାଲ ସଂଗେ ଦେଖା ହେଇଗଲା ( ଯିଏ ବାହାର ରାଜ୍ୟରେ ଇଟା ଭାଟିରେ କାମ ଦେବା ବୋଲି କହିଲା) ଘରୁ ବିଦାୟ ନେଇ ସ୍ମୃତି ବାହାରି ପଡିଲା ଖଟିବାକୁ । ରାସ୍ତା ଯିଏ ଜାଣିନାହିଁ ଚିନ୍ତା କରୁ କରୁ , ଦଲାଲ କିଛି ଯୁବକ ମାନଙ୍କୁ ବି ଆଣିଲା ଏବଂ ରେଳ ଗାଡ଼ିରେ ବସିଗଲେ ସମସ୍ତେ । କିଛି ସମୟ ଅତିକ୍ରମ କରିବା ପରେ ସେଇମାନେ ଗୋଟେ ଷ୍ଟେସନ ରେ ପହଁଚିଲେ । ଦଲାଲ ସେମାନଙ୍କୁ ଓଲ୍ହେଇବା ପାଇଁ କହିଲା ଏବଂ ସେଇମାନଙ୍କୁ ଆଉ ଜଣଙ୍କ ଦଲାଲ ମାନଙ୍କ ହାତରେ ଟେକି ଦେଲା । ସେଇ ଦଲାଲଟି ସେମାନଙ୍କ ମୁହଁରେ କଳା କାପଡ଼ାକୁ ବାନ୍ଧି ଦେଲା ଏବଂ ଆଉ ଏକ ଭ୍ୟାନ ଗାଡ଼ିରେ ବସେଇଦେଲା । ଗାଡି ଗଡି ଗଡି ଚାଲୁଥାଏ । ସମୟ ଅତିକ୍ରାନ୍ତ କରିଯାଉଥାଏ । ହଠାତ ଗାଡିର ବ୍ରେକ ଶବ୍ଦରେ ଶୋଇପଡିଥିବା ଦାଦନ ଶ୍ରମିକ ଉଠିପଡ଼ିଲେ । ଦଲାଲ ସେମାନଙ୍କର ମୁହଁରୁ କଳା କପଡାକୁ ହଟେଇ ଦେଲା । ଘଂଚ ଜଙ୍ଗଲ ମଧ୍ୟରେ ଏକ ଇଟା ଭାଟି ଦେଖି ଭାରି ଡରଲାଗୁଥାଏ ।

ଭାଟିରେ କାମ ଆରମ୍ଭ କରୁଥିବା ସମୟରେ ସ୍ମୃତିର ଲକ୍ଷ୍ୟ ପଡିଲା ଜଣେ ଝିଅ ବୟସ ପ୍ରାୟ ସମାନ ହେବ ତା ସହିତ । ସେହି ଝିଅ ନିଜ କାମ କରୁଥାଏ , କାହାକୁ କିଛି କହୁନଥାଏ । ଅନ୍ୟ ପଟରେ ଭାଟିର ମାଲିକର ଦିନକୁ ଦିନ ତାର ଦୌରାତ୍ମ୍ୟ ବଢିବାକୁ ଲାଗିଲା । ବହୁତ ପରିଶ୍ରମ କରୁଥିଲା କିନ୍ତୁ ମାସିକ ବେତନ ଦେଉନଥିଲା । ସବୁ ସହିଯାଉଥିଲା ସ୍ମୃତି । ସେଇ ଭିତରେ ଅଲିଭାକୁ ଦେଖି କିଛି ପ୍ରଶ୍ନ ପଚାରିବା ପାଇଁ ତାର ଇଚ୍ଛା ହେଉଥିଲା, କିନ୍ତୁ କେତେବେଳେ ବି ସମୟ ହେଉନଥିଲା । ଦିନେ ଭାଟିରେ କାମ ବନ୍ଦ ଥିଲା । ସେଇ ସମୟରେ ସ୍ମୃତି ଅଲିଭାକୁ ପଚାରିଲା ଏଠି କେମିତି, କାହିଁକି ଆସିଛ । ଏଇଭଳି ତାଙ୍କର ବନ୍ଧୁତା ଧୀରେ ଧୀରେ ନିବିଡ ହେବାକୁ ଲାଗିଲା । ସେଇ ଭିତରେ ସ୍ମୃତି ଜାଣିବାକୁ ପାଇଲା ଯେ ତାର ବାପା କରଜର ଏକ ଲକ୍ଷ ଟଙ୍କା ଦେଇପାରିଲାଣି ବୋଲି ତାକୁ ଭାଟି ମାଲିକ ପାଖରେ ବିକ୍ରି କରିଦେଇଛନ୍ତି । ଦିନ ପରେ ଦିନ ଗଡି ଯାଉଥିଲା । ସ୍ମୃତି ଥରେ ସାହସ କରି ନିଜର ଭଲ ପାଇବାର କଥାକୁ ଅଲିଭାକୁ କହିଲା । ଅଲିଭା ବି ତାକୁ ମନେମନେ ଭଲ ପାଉଥିଲା କିନ୍ତୁ କହିପାରୁନଥିଲା । ଏବେ ଦୁଇ ଜଣ ସେଇ ଭାଟିକୁ ଛାଡି ଚାଲିଯିବାକୁ ଚିନ୍ତା କରିଲେ । କିନ୍ତୁ ମାଲିକ ତ ଛାଡିବନି । ସେଇ ରାଜ୍ୟରେ ଏକ ମେଳା ହେଉଥିଲା ଓ ସେଇ ସମୟରେ ସମସ୍ତେ ସେଇ ମେଳା ବୁଲିବାକୁ ଯାଆନ୍ତି । ସେଇ ଦିନ ଦୁଇ ଜଣ ଲୁଚିକି ପଳେଇବା ପାଇଁ ଆଲୋଚନା କରିଲେ ।

ସମୟ ଆସିଲା । ସମସ୍ତେ ମେଳା ବୁଲିବାରେ ବ୍ୟସ୍ତ । କଥା ମୁତାବକ ଜାଗାରେ ମିଶିକି ଆସିଲେ । ବସ ଷ୍ଟାଣ୍ଡ ତାଙ୍କ ଭାଟି ଠାରୁ ପ୍ରାୟ ଆଠରୁ ଦଶ କିଲୋମିଟର ହେବ । ଚାଲିଛନ୍ତି ଦୁଇ ପ୍ରେମୀ ଯୁଗଳ । ବସ ଷ୍ଟାଣ୍ଡରେ ପହଁଚିଲା ବେଳକୁ ଭୋର ୪ଟା ହେଲାଣି । ବସ ଆସିଲା । ଦୁଇଜଣ ଯାକ ବସି ପଡିଲେ । ମନ ଟିକେ ଦମ୍ଭ ଧରିଲା । ଏବେ ବସ ଚାଲିବା ସହିତ ଦୁଇ ଜଣଙ୍କର ଆଖି ଟିକେ ଲାଗି ଯାଇଥିଲା ।  ଟିକେ ସମୟ ଭିତରେ ଗାଡି ହଠାତ ବ୍ରେକ ମାରିବାରୁ ଦୁଇଜଣଙ୍କର ନିଦ ଭାଙ୍ଗିଗଲା ଓ ସେଇମାନେ ବସ ସାମ୍ନାରେ ଦେଖିଲେ ଯେ ଇଟା ଭାଟି ମାଲିକର ଗୁଣ୍ଡା ମାନେ ସେମାନଙ୍କୁ ଖୋଜୁଛନ୍ତ । କିଛି କରିପାରିଲାନି ସ୍ମୃତି । ଗୁଣ୍ଡା ମାନେ ଦୁଇ ଜଣଙ୍କୁ ନେଇ ଚାଲିଗଲେ । ସ୍ମୃତି ସେମାନଙ୍କୁ ଛାଡିଦେବାକୁ ନେହୁରା ହେଲା । ସ୍ମୃତିକୁ ଇଟା ଭାଟିର ମାଲିକ ବହୁତ ମାରିଲା । ସ୍ମୃତି କହିଲା ମୋତେ ଯାହା କରିବ ମୁଁ କରିବ । ମୋ ଜୀବନକୁ ବି ଦେଇପାରିବି ଅଲିଭା ପାଇଁ । ଆମକୁ ଛାଡ଼ିଦିଅନ୍ତୁ ।

ତାପରେ ମାଲିକ ସ୍ମୃତିକୁ ଗୋଟେ ଅଲଗା ରୁମକୁ ନେଇକି କିଛି ପଚାରିଲା ଓ ମାଲିକ କଥାରେ ସ୍ମୃତି ରାଜି ହେଇଗଲା ।  ତାର କିଛି ଦିନ ପରେ ଅଲିଭା ସହିତ ସ୍ମୃତିକୁ ମାଲିକ ତାର ଘର ଠିକଣାରେ ଟିକେଟ କରି ଓ ବହୁତ ପଇସା ମଧ ଦେଇ ପଠେଇଲା । ଅଲିଭା ଏଇ ସବୁ କଥା କିଛି ବୁଝିପାରୁନଥିଲା । ଯେତେବେଳେ ସ୍ମୃତିକୁ ଅଲିଭା ପଚାରୁଥିଲା ସ୍ମୃତି କୁହେ କି ସବୁ ଭଗବାନଙ୍କ ଇଚ୍ଛା । ସେଇ ହିଁ ଆମକୁ ପଠେଇଛି ଓ ସାହାଯ୍ୟ କରିଛନ୍ତି ।

ନିଜ ଜନ୍ମ ସ୍ଥାନରେ ପହଁଚି ସ୍ମୃତି ଘରେ ସବୁ କଥା କହିଲା ଏବଂ ସେଇମାନେ ବାହା ହେବେ ବୋଲି କହିଲେ । ଘରେ ଖୁସିରେ ସବୁ ବାହାଘରର ଆୟୋଜନ କରିଲେ ଏବଂ ଦୁହେଁ ବହୁତ ଖୁସିରେ ଥିଲେ ନୂଆ ଜୀବନ ପାଇଥିବାରୁ । ଚଉଠି ରାତିରେ ସ୍ମୃତିର ପେଟରେ କଟା ଦାଗ ଦେଖି ଅଲିଭା ପଚାରିଲା ଏଇ ଦାଗଟା କଣ ? ସ୍ମୃତି କହିଲା କି ପିଲା ବେଳେ ପଡିଯାଇଥିଲି ତେଣୁ ଦାଗ ହୋଇଛି  । ବାସ୍ତବରେ ସେଇଟା କଣ ପିଲା ଦିନର ପଡ଼ିଯାଇଥିବା ଦାଗ ନ ଆଉ କିଛି ?

ବାସ୍ତବରେ ସେଇ ଦାଗଟା ପିଲାଦିନର ନୁହେ । ସେଇ ମାଲିକଟିର ଗୋଟିଏ ମାତ୍ର ପୁଅ ଯାହାର କି ଦୁଇଟି ଯାକ କିଡ୍ନୀ ନଷ୍ଟ ହେଇଯାଇଛି । ମାଲିକ ଜଣକ ଅଲିଭାର କରଜ ତାଙ୍କ ଛାଡ କରିଦେବା ପାଇଁ କହିଲେ ଓ ସେଇ ମାନଙ୍କୁ ଛାଡ଼ିଦେବେ ଏବଂ ବହୁତ ଟଙ୍କା ଦେବେ ଯେଉଁଥିରେ ସେମାନେ ଆରାମରେ ନିଜ ଜୀବନ ବଂଚିପାରିବେ । କିନ୍ତୁ ତା ବଦଳରେ ତାକୁ ତାର ପୁଅ ପାଇଁ ଗୋଟେ କିଡ୍ନୀ ଦେବାପାଇଁ ପଡିବ ।ଯେଉଁ କଥାରେ ସ୍ମୃତି ରାଜି ହୋଇଯାଇଥିଲା ।

ବାସ୍ତବରେ ଜଣେ ଦାଦନ ପ୍ରେମ ପାଇଁ ନିଜର ଶରୀରର ମୂଲ୍ୟବାନ ଅଙ୍ଗକୁ ବି ଦେଇ ଦେଉଛି । ପ୍ରେମର ତୁଳନା କରିହେବ ନାହିଁ  । ଏଇ କାହାଣୀଟି ରୁ ଆମେ ଶିକ୍ଷା ପାଇଲୁ ଯେ ଜାତି, ଧର୍ମ, ବର୍ଣ୍ଣ, ଗରିବ, ଧନୀ ସବୁଥିରେ ପ୍ରେମର କିଛି ଭୂମିକା ନଥାଏ । ପ୍ରେମ ପାଇଁ କେବଳ ଦୁଇଟି ପବିତ୍ର ଆତ୍ମାର ସୁନ୍ଦର ହୃଦୟ ଦରକାର ।



# ଜିଇଁବାର ଅନ୍ତର୍ଧ୍ୱନି



**ମନୋଜ କୁମାର ସାହୁ**
**ପି.ଜି ୨ୟ ବର୍ଷ (ବାଣିଜ୍ୟ),**
**ଫକୀର ମୋହନ ବିଶ୍ୱବିଦ୍ୟାଳୟ**
**ଦୂରଭାଷ: ୮୯୦୮୧୧୧୮୪୪**

ପ୍ରାୟ ଦିନ ଦଶଟାରୁ ଗଡିଯାଇଥିଲା ସମୟ । ସକାଳେ ଅସରାଏ ବର୍ଷା ହୋଇ ଛାଡି ଯାଇଥିଲେ ବି ଆକାଶ ସମ୍ପୂର୍ଣ୍ଣ ନିର୍ମେଘ ହୋଇ ନଥାଏ ସେ ପର୍ଯ୍ୟନ୍ତ । ତରତର ହୋଇ ବିଶ୍ୱବିଦ୍ୟାଳୟ ଶ୍ରେଣୀଗୃହରେ ପ୍ରବେଶ କଲାବେଳକୁ ସାଥିଗଣଙ୍କ ମଧ୍ୟରେ ଚାଲିଥାଏ ସରଗରମ ଆଲୋଚନା । କାଳ ବିଳମ୍ବ ନକରି ଗମ୍ଭୀର ଅଥଚ ଉତ୍ସାହପୂର୍ଣ୍ଣ ଲାଗୁଥିବା ସେହି ଆଲୋଚନାରେ ସାମିଲ ହୋଇଗଲି । ଅବଶ୍ୟ ବର୍ଷା ପାଗରେ ଗୁରୁଜୀ ଆସିବାରେ ବିଳମ୍ବ ହେଲେ ହାଣ୍ଡିଶାଳରୁ ହଲାଣ୍ଡ ଯାଏ କଥା ଗୁଡିକ ଶ୍ରେଣୀ ଗୃହର ଚାରି କାନ୍ଥ ମଧ୍ୟରେ ଭାସି ବୁଲେ, ଆଇନ ଅମାନ୍ୟର ଗୋଟିଏ ପରେ ଗୋଟିଏ ନୂଆ ଯୋଜନା ତିଆରି ହୁଏ । ହେଲେ ସେଦିନର ଆଲୋଚନା ସାମ୍ପ୍ରତିକ ସ୍ଥିତିକୁ ନେଇ ଜୋର ଧରିଥାଏ । ଗୋଟିଏ ପରେ ଗୋଟିଏ ପ୍ରଶ୍ନ କରି ଚାଲୁଥାନ୍ତି ସାଙ୍ଗମାନେ । ସେ କାହିଁକି ଏମିତି କଲେ ? ସେ ମାନସିକ ଚାପରେ ଥିଲେ କି ? କିଛି ପାରିବାରିକ ସମସ୍ୟା ଥିଲା କି ? କିଛି ଆର୍ଥିକ ସମସ୍ୟା ଥିଲା କି ? ନା ଥିଲା କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ? କଣ ହୋଇପାରେ ଏହା ପଛର କାରଣ ? ଖାଲି ସେ ନୁହନ୍ତି ଜଣକ ପରେ ଜଣେ କାହିଁକି ନେଉଛନ୍ତି ଏଭଳି ଚରମ ନିଷ୍ପତି ! ବିଳମ୍ବରେ ଆସି ଯୋଡି ହୋଇଥିଲେ ବି ବୁଝିବା ବାକି ରହିଲାନି ଯେ ଗଲା କିଛିଦିନ ଧରି ଆମ ରାଜ୍ୟରେ ଏକ ବିମର୍ଷକର ବାତାବରଣ ସୃଷ୍ଟି କରିଥିବା ସେହି ଆତ୍ମହତ୍ୟା ଗୁଡିକ ସମ୍ପର୍କରେ ଆଲୋଚନା ଚାଲିଛି । ଏହା ଉପରେ ଗଠନାତ୍ମକ ଆଲୋଚନା ହେବା ମଧ୍ୟ ଦରକାର । କାହିଁକିନା ଏ ସଂକ୍ରାନ୍ତରେ ଏକ କର୍କଶ ବାସ୍ତବତା ହେଲା ପରିସଂଖ୍ୟାନ ଅନୁସାରେ ଆମ ରାଜ୍ୟ ଦେଶର ଅନ୍ୟାନ୍ୟ ରାଜ୍ୟଗୁଡିକ ତୁଳନାରେ ଆତ୍ମହତ୍ୟା ସଂନ୍ଦର୍ଭରେ ବହୁ ଆଗରେ । ମାତ୍ର ଯାହା ଏକ ଦାରୁଣ ବିଚଳିତବୋଧତା ସୃଷ୍ଟି କରିଛି, ତାହା ହେଲା ଆମ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆତ୍ମହତ୍ୟା ସଂଖ୍ୟାରେ ତୀବ୍ର ବୃଦ୍ଧି । ବିଶିଷ୍ଟ ମନୋବିଜ୍ଞାନୀ Sigmund Freudଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ପାଖରେ ଦୁଇଟି ପ୍ରବୃତି ରହିଥାଏ । ବଂଚିବାର ପ୍ରବୃତିକୁ Life Instinct ଏବଂ ମରିବାର ପ୍ରବୃତିକୁ Death Instinct କୁହାଯାଏ । ଯେତେବେଳେ ବ୍ୟକ୍ତିର ପାରିପାର୍ଶ୍ୱିକ ପରିସ୍ଥିତି, ଯିବନଶୈଳୀ, ମାନସିକ ଓ ଆବେଗିକ ଅବସ୍ଥା ତା'ର ବଂଚିବାର ପ୍ରବୃତିକୁ ଦୁର୍ବଳ କରିଥାଏ ଏବଂ ମୃତ୍ୟୁ ପ୍ରବୃତିକୁ ଶକ୍ତିଶାଳୀ କରାଇଥାଏ, ସେତେବେଳେ ସେ ନିଜକୁ ହତ୍ୟା କରିବାକୁ ଚେଷ୍ଟା କରେ । ଏହାକୁ ଆତ୍ମହତ୍ୟା ବା suiside ସମସ୍ୟର କୁହାଯାଇଥାଏ ।ସାଧାରଣତଃ ମନୁଷ୍ୟର ଆଶା ଓ ଆକାଂକ୍ଷା ,ତାହାର ସାମର୍ଥ୍ୟ, ଯୋଗ୍ୟତା ମଧ୍ୟରେ ଏକ ବିରାଟ ପ୍ରଭେଦ ରହିଲେ, ତାହା ହତାଶାଭାବ ସୃଷ୍ଟି କରିଥାଏ । ଏହାକୁ ସଠିକ୍ ଭାବରେ ନିୟନ୍ତ୍ରଣ ନ କରିଲେ ଉଦବେଗ ଏବଂ କାଳକ୍ରମେ ବ୍ୟର୍ଥତା, ବିଷାଦ ଭାବ ସୃଷ୍ଟି କରିଥାଏ । ବର୍ତ୍ତମାନ ପରିବର୍ତ୍ତିତ ପରିସ୍ଥିତିରେ ଯୁବପିଢି ଉପରେ ଶିକ୍ଷାର ଅତ୍ୟଧିକ ବୋଝ, ଅତ୍ୟଧିକ ପ୍ରତିଯୋଗିତା ଜନିତ ହତାଶା, ପିତାମାତାଙ୍କର ଯୁବଗୋଷ୍ଠୀ ଉପରେ ଅଙ୍କୁଶର ଅଭାବ, ସୋସିଆଲ୍ ମିଡ଼ିଆର ଅତ୍ୟଧିକ ବ୍ୟବହାର, ସାଙ୍ଗସାଥିମାନଙ୍କ ସହ ମନୋମାଳିନ୍ୟ ,ଅତିପ୍ରିୟ ବ୍ୟକ୍ତିଙ୍କ ସହ ବିଚ୍ଛେଦ, ଶିକ୍ଷକ ତଥା ସମାଜର କଟୁକ୍ତି ସେମାନଙ୍କ ମନରେ ଆତ୍ମହତ୍ୟାର ଆବେଗକୁ ବୃଦ୍ଧି କରୁଛି ।



ସାଧାରଣତଃ ଯୁବପିଢି ୧୩ରୁ ୨୫ ବର୍ଷ ମଧ୍ୟରେ ନିଜର ଶରୀର ତଥା ମନ ମଧ୍ୟରେ ପରିବର୍ତ୍ତନ ଦେଇ ଗତି କରିଥାନ୍ତି । ଏହି ସମୟରେ ସମାଜ ତଥା ପରିବାର ବର୍ଗ ସେମାନଙ୍କୁ ସହଯୋଗ ତଥା ସହାନୁଭୂତି ପ୍ରଦର୍ଶନ କରିବା ଅଧିକ ଜରୁରୀ ହୋଇଥାଏ । ସାଧାରଣ ଭାବରେ ଅଭିଭାବକମାନେ ପିଲାର ମାନସିକ ଅବସ୍ଥା ଅନୁଧ୍ୟାନ ନ କରି, ତା'ର ଶିକ୍ଷା ତଥା ପ୍ରତିଯୋଗିତା ମୂଳକ ଚିନ୍ତାଧାରାକୁ ଅଧିକ ସୁଦୃଢ କରିବାକୁ ଚେଷ୍ଟା କରନ୍ତି । ଯୁବକଯୁବତୀମାନେ ନିଜ ବୟସର ପରିପକ୍ୱତାଠାରୁ ଯଥେଷ୍ଟ ଅଧିକ ଭାରାକ୍ରାନ୍ତ ହୋଇ ପଡନ୍ତି । ଛୋଟ ଛୋଟ ବିଫଳତାରେ ପିତା, ମାତା, ଶିକ୍ଷକ ତଥା ସାଙ୍ଗସାଥିମାନଙ୍କ କଟୁକ୍ତି ସେମାନଙ୍କୁ ଆଘାତ ଦେଇଥାଏ ଏବଂ ନିରାଶାଭାବ ସୃଷ୍ଟି କରିଥାଏ । ଯେଉଁମାନଙ୍କ ଠାରେ ବିଫଳତା ସହିବାର ଶକ୍ତି ନଥାଏ, ସେମାନେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରନ୍ତି ବା କରିଥାଆନ୍ତି । ଦ୍ୱିତୀୟତଃ ବର୍ତ୍ତମାନର ଯୁବପିଢି ନିଜର ଏକ ସୀମିତ ପରିବେଶ ମଧ୍ୟରେ ନିଜକୁ ରଖୁଛନ୍ତି । ଅଧିକାଂଶ କ୍ଷେତ୍ରରେ ପାଠ, ସାଙ୍ଗସାଥି ତଥା ସୋସିଆଲ ମିଡିଆ ମଧ୍ୟରେ ତାଙ୍କର ଜୀବନ ନିୟନ୍ତ୍ରିତ ହୋଇ ରହିଛି । ସୋସିଆଲ୍ ମିଡ଼ିଆରେ ଏକ ମିଛ ମରୀଚିକା ଧାଇଁ ସେମାନେ ନିଜକୁ ନିଜର ପ୍ରକୃତ ଯୋଗ୍ୟତା, ସାମାଜିକ ସ୍ଥିତି ତଥା ସଂସ୍କୃତିଠାରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଏକ କାଳ୍ପନିକ ଦୁନିଆରେ ବଂଚିବାକୁ ଚାହୁଁଛନ୍ତି । ଯେତେବେଳେ ସେମାନଙ୍କ କଳ୍ପନା ତଥା ବାସ୍ତବତା ମଧ୍ୟରେ ପ୍ରଭେଦ ଆସୁଛି, ସେମାନଙ୍କ ହତାଶାବୋଧ କରୁଛନ୍ତି ଏବଂ ବିଷାଦଗ୍ରସ୍ତ ହୋଇପଡୁଛନ୍ତି ।ଶ୍ରେଣୀଗୃହରେ ବେଳୁ ବେଳ ଏମିତି ଆଲୋଚନା ସରଗରମ ହେଉଥାଏ । କେତେବେଳୁ ଯେ ଶିକ୍ଷକ ଆସି ଆଲୋଚନାରେ ଅଂଶୀଦାର ହେଲେଣି ତାହା ଆମର ଅଗୋଚର । ଧୀରେ, ଖୁବ୍ ଶାନ୍ତ ଚିତରେ ଗୁରୁଜୀ କହିଲେ ପିଲାମାନେ ତୁମେ ଯେଉଁ ଆଲୋଚନା କରୁଥିଲ ସେ ସବୁ ମୁଁ ଶୁଣିଛି । କହିଲ ଦେଖି, ଜଣେ ଆତ୍ମହତ୍ୟା କରିବା ପୂର୍ବରୁ କଣ କଣ ସବୁ ଭାବିଥାଏ । ତା' ମନ କେଉଁ ଅବସ୍ଥା ଦେଇ ଗତି କରିଥାଏ ? ଜାଣିନୁ ବୋଲି ସମ୍ମିଳିତ ଉତ୍ତର ପାଇବା ପରେ ସେ କହିଲେ, ଆତ୍ମହତ୍ୟା କରିବା ପୂର୍ବରୁ ମଣିଷଟିକୁ ଆତ୍ମହତ୍ୟାର ଅନ୍ତର୍ଧ୍ୱନି ବିଚଳିତ କରିପକାଏ । ସେ ବାରମ୍ବାର ଭାବେ କାହିଁକି ମୋ ମନରେ ଅସମାହିତ ପ୍ରଶ୍ନ । ଅତୀତରେ କରିଥିବା ଭୁଲ, ଜୀବନରେ ବିତୃଷ୍ଣା ଏସବୁ ଭିତରେ ଭଗବାନ ବି ମୋତେ ପର କରିଦେଇଛନ୍ତି । ନିଜ ଲୋକଙ୍କ ଯନ୍ତ୍ରଣା ଅସହ୍ୟ ହେଉଛି । ମୋତେ କେହି ବି ଭଲପାଉନାହାନ୍ତି, ଅଣନିଃଶ୍ୱାସୀ ହୋଇଯାଉଛି ମୁଁ । ମୋ ପାଇଁ ବନ୍ଦ କୋଠରୀର ଅନ୍ଧାର ଭିତରେ କେବଳ ମୃତ୍ୟୁ ହିଁ ଆଲୋକ ଆଉ ଚିର ସତ୍ୟ । ମୃତ୍ୟୁ ହିଁ ମୋତେ ଦେବ ଶାନ୍ତି, ସ୍ୱାଧୀନତା ଆଉ ସବୁ ସମସ୍ୟାର ସମାଧାନ । ଏ ଜୀବନ ରଖି କିଛି ବି ମୂଲ୍ୟ ନାହିଁ । ନିଜକୁ ଶେଷ କରିବାର ଏଇଟା ସବୁଠୁ ଉଚିତ୍ ସମୟ । ଆଉ କିଛି ସମୟ ପରେ ମୁଁ ଆଉ ଏ ଦୁନିଆରେ ନ ଥିବି । ମରିବା ପାଇଁ ନିଜକୁ ପ୍ରସ୍ତୁତ କରିଛି । ଆଉ ଶେଷରେ ପହଂଚିଯାଏ ସେହି ଅଶୁଭ ସମୟ । ଏତିକିରେ ଶିକ୍ଷକଙ୍କୁ ଅଟକାଇ ଆମେ କହିଲୁ, ସାର୍ ! ଏମିତି ଭାବନା ଗୁଡ଼ିକୁ କଣ ଏଡାଯାଇ ପରିବନାହିଁ ? ସବୁବେଳେ ମେଘ ଢଙ୍କା ଆକାଶପରି ଗମ୍ଭୀର ଦିଶୁଥିବା ଶିକ୍ଷକଙ୍କର ମୁହଁଟି ଟିକିଏ ହସିଲା ହସିଲା ପରି ମନେହେଲା । ସେ ଆରମ୍ଭକଲେ, ଜୀବନ ଏକ ବିଚିତ୍ର ଅନୁଭବ । ଯେବେ ବିରକ୍ତି ଆମକୁ ଘୃଣ୍ୟ ଆତ୍ମହତ୍ୟାର ଅନ୍ଧାରୀ ଦିଗକୁ ପ୍ରେରିତ କରେ, ସେବେ ଜୀବନର ଅନ୍ତର୍ଧ୍ୱନିକୁ ଶୁଣିବାକୁ ହେବ । ମର୍ମେ ମର୍ମେ ବୁଝିବାକୁ ପଡ଼ିବ ଯେ ସବୁ ଅସହାୟତା ଶେଷରେ ଅବଲମ୍ବନଟିଏ ଅଛି, ସବୁ ଦୁଃଖର ମହାଜନୀ ଅଦଉତି ଶେଷରେ ଋଣମୁକ୍ତ ହେବାର ଅନ୍ତରଙ୍ଗ କମନାଟିଏ ଅଛି, ପ୍ରଜାପତିର ଖଣ୍ଡିଉଡା ପଛରେ ଆଉ ଥରେ ସୁଖକୁ ଭେଟିବାର ଅଲିଖିତ ଆଶ୍ୱାସନାଟିଏ ଅଛି । ତେବେ ଯାଇ ଜୀବନ ଜୀଇଁବାର ନୂଆ ଇଛାଟିଏ ପୁଣିଥରେ ଡେଣାମେଲି ଉଡିବୁଲିବ ।



# ରୁମ୍ ନଂ ୧୧୭



ଛାତ୍ର ଏବଂ କ୍ଲାସ ରୁମ୍ ର ସମ୍ପର୍କ ଏକ ମିଛଟିଆ ଯାବତୀୟ ସମ୍ପର୍କ ବନ୍ଧନ ଠାରୁ ବିଶେଷ ଭାବରେ ଅଲଗା । ଆଦ୍ୟ କାଳ ରୁ ଏହି ସମ୍ପର୍କ ରେ କେତେ ଯେ ପରିବର୍ତ୍ତନ ଆସି ସାରିଛି ତାହା କୁହାଯାଇ ପାରିବନାହିଁ, ସେ ଯାହା ହେଉ ଗୁରୁକୁଳ, ସ୍କୁଲ,କଲେଜ ଏବଂ ବିଶ୍ୱବିଦ୍ୟାଳୟ ଏ ସବୁ ଗୋଟିଏ ଗୋଟିଏ ମଣିଷ ତିଆରି କାରଖାନା । କେତେ କେତେ ଲୋକ ମଣିଷ ହୋଇ ଏହି ସ୍ଥାନ ରୁ ବାହାରି ଦୁନିଆ ପରିବର୍ତ୍ତନ କରି ସାରିଛନ୍ତି ଏବଂ ଏବେ ବି ସେହି କାମ ରେ ଅନେକେ ନିଜକୁ ନିୟୋଜିତ ରଖିଛନ୍ତି । କ୍ଲାସ ରୁମ୍ କେବଳ ଯେ ଏକ ରୁମ୍ ନୁହଁ ଏ ହେଉଛି ଗୋଟିଏ ଏମିତିକା ସ୍ଥାନ ଯେ, କୋଟି କୋଟି ଟଙ୍କା ଦେଇ ମଧ୍ୟ ତାର ଋଣ ଶୁଝି ଆଜି ପର୍ଯ୍ୟନ୍ତ କେ ସୁଝିପାରି ନାହିଁ କି ଆଗକୁ ପାରିବ ।
ଯେଉଁ କ୍ଲାସ ରୁମରେ ପାଠ ପଢ଼ି ନିଜକୁ ମଣିଷ ପରି ମଣିଷ କରି ଗଢ଼ିବାର ଆଦ୍ୟ ସ୍ୱପ୍ନ ଦେଖୁଥିଲା ସନ୍ତୋଷ, ସେ ରୁମ୍ କେବଳ ଏକ କ୍ଲାସ ରୁମ୍ ନୁହଁ ତାହା ଆନେକ କୋମଳ ମତି ଛାତ୍ର ମାନଙ୍କ ଜୀବନ ନାଟିକା ଗଢ଼ିବାର ସାନ୍ଧ୍ର ସ୍ୱପ୍ନ...ସେଇ ସ୍ୱପ୍ନକୁ ଜାବୁଡ଼ି ଧରି କେତେଯେ ଛାତ୍ର ଜୀବନ ସିଡ଼ିର ଉଚ୍ଚତମ ସୋପାନରେ ପହଁଚିଛନ୍ତି ତାର ଜ୍ୱଳନ୍ତ ସାକ୍ଷୀ ହେଉଛି ଏଇ କ୍ଲାସ ରୁମ ...ରୁମ୍ ନଂ ୧୧୭ ...

ରାତି ପ୍ରାୟ ୯ଟା ସମୟ । ସନ୍ତୋଷ ; ସମ୍ବଲପୁର ବସଷ୍ଟାଣ୍ଡ ରେ ଗୋଟେ ବଡ଼ ବ୍ୟାଗ ସହ ଓହ୍ଲେଇ ,ଅଟୋରିକ୍ସା କରି ଜଣାଶୁଣା ପଶ୍ଚିମ ଓଡ଼ିଶା ର ବିଶ୍ୱବିଦ୍ୟାଳୟ ଅଭିମୁଖେ ବାହାରିଲା । ସନ୍ତୋଷ ର ସ୍ୱପ୍ନ ଥିଲା ଯେ ସେ ଏକ ଭଲ କଲେଜ ରେ ପଢ଼ିବ ,ତେଣୁ ସେ ପଶ୍ଚିମଓଡ଼ିଶା ର ଜଣାଶୁଣା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରେ ଦାଖଲା ନେଲା । ଗାଆଁର ପିଲା ତ ସେଥିପାଇଁ ପାଖରେ ଭଲ କଲେଜ ନ ଥିବାରୁ ସେ ସମ୍ବଲପୁର ଭଳି ବ୍ୟସ୍ତ ସହର ରେ ପଢ଼ିବା ପାଇଁ ଆସିଛି । କଲେଜ ପାଖରେ ଏକ ଚେମ୍ବର ରେ ରହି ପଢ଼ିବା ପାଇଁ ସ୍ଥିର ହେଲା । ପ୍ରଥମ ଦିନ ବାପା କଲେଜ କୁ ଛାଡ଼ିବା ପାଇଁ ସନ୍ତୋଷ ସହ ଆସିଥିଲେ ପୁଣି ରାତି ରେ ସେ ଘର କୁ ଚାଲିଯାଇଥିଲେ ।

ସନ୍ତୋଷ କୁ ଟିକେ ଅଡୁଆ...ଅଡୁଆ.... ଲାଗୁଥାଏ ପରିବେଶ ଟି, ନୂଆ ନୂଆ ସ୍ଥାନ ତ ପ୍ରଥମେ ପ୍ରଥମେ ଏପରି ଲାଗିବା ସ୍ୱାଭାବିକ ପୁଣି ପରେ ପରେ ଏହା ସାମାନ୍ୟ ଲାଗେ । ଚାମ୍ବର ରେ ଆଉ ଦୁଇ ଜଣ ଆଗରୁ ରହୁଥିଲେ : ସମ୍ବଲପୁର ଭଳି ବ୍ୟସ୍ତ ସହର ରେ ତାହା ପୁଣି ଏପରି ବିଶ୍ୱବିଦ୍ୟାଳୟ ରେ ଗୋଟେ ସିଙ୍ଗଲ ରୁମ୍ ମିଳିବା କଷ୍ଟ । ସନ୍ତୋଷ ର ବାପା ଚାମ୍ବର ମାଲିକ ସହ ପଇସା ପତ୍ର ର କଥା ହୋଇ ସବୁ ଠିକ୍ କରିଦେଇଥିଲେ ଆଗରୁ ।

ଚାମ୍ବର ରେ କଣ ! ସବୁ ନିଜ କାମ ନିଜେ କରିବାକୁ ପଡ଼ିଥାଏ । ଘର ଝାଡୁ ମାରିବା ଠାରୁ ଆରମ୍ଭ କରି ରୋଷେଇ କରିବା, କପଡା ସଫା, ପାଣି ଭରିବା ସହ ପାଠ ପଢିବା ପର୍ଯ୍ୟନ୍ତ ସବୁ । ସନ୍ତୋଷ କୁ ଏସବୁ କାମ ରେ କିଛି ଅସୁବିଧା ହେଲା ନାହିଁ କାରଣ ଘରେ ମଧ୍ୟ ସବୁ କାମ ସେ କରେ ; ମା ଆରପାରି କୁ ଚାଲି ଯିବା ଦିନଠାରୁ । ରାତି ରେ ଚାମ୍ବର ର ଦୁଇ ଜଣଙ୍କ ରାହୁଲ ଏବଂ ଅନିଶ ସହ ମଧ୍ୟ ଭଲଭାବରେ ପରିଚିତ ହେଇଗଲା । ରାହୁଲ କିନ୍ତୁ ଅନିଶ୍ ଓ ସନ୍ତୋଷ ର ସିନିଅର ଥିଲା , ଅନିଶ କିଛି ମାସ ଆଗରୁ ଆସିଥିଲା । ଦୁହେଁ କଠିନ ପରିଶ୍ରମ କରୁଥିଲେ କିନ୍ତୁ ପାଖ ରୁମ୍ ର ପିଲା ମାନେ ପୁରା ବଦମାସ୍... କଲେଜ ସମୟ ରେ ଝିଅ ମାନଙ୍କ ସହ ସମୟ ବିତାଉଥାନ୍ତି ଏବଂ ଶୁଣିବାକୁ ମିଳିଥିଲା ଯେ ସିଗାରେଟ୍ ମଧ୍ୟ ଟାଣନ୍ତି ।

ସ ଯାହା ହେଉ ରାତି ରେ କିଛି କରିବାର ନ ଥିଲା ତେଣୁ ତିନି ଜଣ ଆରମ ରେ ଶୋଇ ପଡ଼ିଲେ ।କିନ୍ତୁ ସନ୍ତୋଷ କୁ ନିଦ ନାହିଁ ନୂଆ ଜାଗା ନା । ରାତି ରେ ଏମିତିଆ ଯାବତୀୟ ଭାବନା ରେ ଛାଇ ଛାଇ ନିଦରେ କେମିତି ସକାଳ ହେଲା ତାହା ସନ୍ତୋଷ କୁ ଜଣାପଡ଼ିଲା ନାହିଁ । ସକାଳ ୧୦ଟା ରେ ପ୍ରଥମ କ୍ଲାସ ଥିଲା । ସନ୍ତୋଷ ବାଣିଜ୍ୟ ରେ ତାର ପ୍ଲସ-ଟୁ କରିଥିଲା ଏବଂ ଗ୍ରାଜୁଏସନ୍ କରିବାକୁ ବାଣିଜ୍ୟ ବିଭାଗ ରେ ନାମ ଲେଖାଇଥିଲା । ସକାଳୁ ସକାଳୁ ତାର ନିଦ ଭୋର୍ ରୁ ଭାଙ୍ଗି ଗଲା , ଶୀଘ୍ର ପାଣି ଭରି ଗାଧେଇ ସାରି ସକାଳ ଜଳଖିଆ ତିଆରି ରେ ଲାଗିଗଲେ ତିନି ଜଣ , ରାହୁଲ ସେ ସବୁ ଆଗରୁ ଜାଣିଥିଲା ତେଣୁ ଅଧିକ କିଛି ଅସୁବିଧା ହେଲା ନାହି । ରାହୁଲ ର କ୍ଲାସ ଆଗରୁ ଥିଲା ତେଣୁ ସେ ଆଗରୁ କଲେଜ କୁ ଚାଲିଗଲା । ସନ୍ତୋଷ ଏବଂ ଅନିଶ ର କ୍ଲାସ ରେ ସମୟ ଥିଲା ତେଣୁ ଦୁହେଁ ରୁମ୍ କୁ ସଫାକରିଦେଲେ ଏବଂ ସେ ଦୁହେଁ ମଧ କ୍ଲାସ କରିବାକୁ ବାହାରି ଗଲେ ।

ଚାୟର୍ ଟି ବିଶ୍ୱବିଦ୍ୟାଳୟ ର ପାଖରେ ଥିଲା ତେଣୁ ଯିବା ଆସିବା କରିବାପାଇଁ ବେଶ୍ ସୁବିଧା ।କଲେଜର ପ୍ରଥମ କ୍ଲାସ ଥିଲା । ସାରଙ୍କ ସହିତ ଆଗରୁ ସନ୍ତୋଷ ପରିଚିତ । କ୍ଲାସ କୁ ଆସିବା ରାସ୍ତା ରେ ପ୍ରଥମେ ସାନିଟାଇଜର୍ କରି ଆଗକୁ ବଢ଼ିବାରେ ଲାଗିଲା ଆଉ ପିଲା ମାନେ ବି ଯାଉଥିଲେ କିନ୍ତୁ କାହା ସହିତ ପରିଚିତ ନାହିଁ ନା ସେଥିପାଇଁ ଏକା ଏକା ଚାଲିଥିଲା । କୁଳପତି ଙ୍କ ରୁମ୍ ଦେଇ ଆଗକୁ ବଢ଼ିବାରେ ଲାଗିଲା ; ମନେ ମନେ କେତେ ଗୁଡ଼ାଏ ଚିନ୍ତା... । ବିଶ୍ୱବିଦ୍ୟାଳୟ ନା..... ସେଥିପାଇଁ କେତେ କେତେ ବିଭାଗ ରହିଛି ତାହା ଦିନକ ରେ ବୁଲିହେବ ନାହିଁ । କମର୍ସ ବିଭାଗ ଟି ସେକଣ୍ଡ ଫ୍ଲୋର ରେ ଥିଲା ତେଣୁ ଶୀଘ୍ର ଶୀଘ୍ର ପାହାଚ ଅତିକ୍ରମ କରି ଅର୍ଥନୀତି ବିଭାଗ ପାର ହୋଇ ବାଣିଜ୍ୟ ବିଭାଗକୁ ଗଲା । ପାହାଚ ରୁ ସାଫ ଦେଖା ଯାଉଥିଲା, ବଡ଼ ବଡ଼ ଅକ୍ଷର ରେ ଲେଖା ହୋଇଛି ବାଣିଜ୍ୟ ବିଭାଗ ଇଂରାଜୀ ଭାଷାରେ ରେ । ସାମ୍ନା ରେ ବିଭାଗ ମୁଖ୍ୟ ଙ୍କ ରୁମ୍ ତାପରେ ରୁମ୍ କୁ ରୁମ୍ ଲାଗିରହିଛି । ନୋଟିସ ବୋର୍ଡ ରେ କାହା ରୁମ୍ କେଉଁଠି ତାହା ଲେଖା ହେଇଥାଏ । ତାକୁ ଦେଖି ସନ୍ତୋଷ ରୁମ୍ ନ. ୧୧୭ ରେ ପଶିଲା ଆଗରୁ ବହୁତ୍ ପିଲାଏ ଆସି ବସିଥିଲେ ।

ରୁମ୍ ନ. ୧୧୭ଟି ଭାରି ପୁରୁଣା ଶୁଣିବାକୁ ମିଳିଥିଲା ଯେ ତାହା କଲେଜ ନିର୍ମାଣ ହେବା ଦିନଠାରୁ ଅଛି ୧୯୪୪ ମସିହାରୁ । ପାଖ ରୁମ୍ ଗୁଡାକ ଭିତରେ ଭିତରେ ରିନୋଭେସନ୍ କରାଯାଇ ଥିଲା କିନ୍ତୁ ରୁମ୍ ନ. ୧୧୭ଟି ସେହି ପୁରୁଣା, ଖାଲି ଟେବୁଲ୍ ନୂଆ । ରୁମ୍ ବାହାରେ ବିଗତ ବର୍ଷ ମାନଙ୍କର ଟପର ତାଲିକା ଲାଗିଥିଲା ସେଥିରେ ସନ୍ତୋଷ ତାର ପ୍ଲସ-ଟୁ ସମୟ ର ଶିକ୍ଷକ ର ନାମ ଦେଖି ଖୁସି ହେଲା । ମନେ ମନେ ଭାବିଲା କାଳେ ତାର ନାମ ବି ଏଥିରେ ଆସିଯିବ...ତାର ଶିକ୍ଷକ ଯେଉ କଲେଜ ରେ ପଢ଼ିଛନ୍ତି ସେ ମଧ ସେହି କଲେଜ ରେ ପଢ଼ିବ: କେତେ କେତେ ଲୋକ ଏହି କଲେଜ ରୁ ବାହାରି ନିଜ ଜୀବନ ରେ ବହୁତ୍ ଉପରକୁ ଉଠିସାରିଛନ୍ତି ଯେମିତି କି ପି.କେ.ମିଶ୍ର (ପ୍ରଧାମନ୍ତ୍ରୀଙ୍କର ମୁଖ୍ୟ ସଚିବ) ଏବଂ ଆଉ ଅନେକ, ମନ ଭିତରେ ଏକ ଆନନ୍ଦର... ର ଲହଡ଼ା ଅନୁଭବ କଲା ।

ସେ ଯାହାହେଉ, ରୁମ୍ ଟି ଏକଦମ ବଡ ହଲ ଥିଲା କାରଣ ପୁରା ଓଡ଼ିଶା ରେ ଏବଂ ବିଶ୍ୱବିଦ୍ୟାଳୟ ରେ ବାଣିଜ୍ୟ ବିଭାଗ ହେଉଛି ଏକା ବିଭାଗ ଯାହା ସବୁଠୁ ବଡ଼ ୪୦୦ ସିଟ ବିଶିଷ୍ଟ ବାଣିଜ୍ୟ ବିଭାଗ: ଅନ୍ୟ ଜିଲ୍ଲା ଗୁଡ଼ିକ ର କଲେଜ ରେ ମଧ ଏତେ ଅଧିକ ସଂଖ୍ୟକ ସିଟ ନାହିଁ , ଓଡ଼ିଶା ରେ ଏକ ମାତ୍ର ବିଶ୍ୱବିଦ୍ୟାଳୟ ଯେଉଁଠି ୪୦୦ ପିଲା କୁ ନେଇ ବିଭାଗ ରେ ପାଠପଢା ଚାଲେ । ଏତେ ପିଲା ଗୋଟେ ରୁମ ରେ ବସିପାରିବେ ନାହିଁ ତେଣୁ ବିଭାଗମୁଖ୍ୟ ଙ୍କ ନିର୍ଦ୍ଦେଶନାରେ ତିନି ଟି ରୁମ୍ ରେ ପିଲା ମାନଙ୍କୁ ଭାଗ କରି ପଢାଯାଏ ।

କ୍ଲାସ ର ସମୟ ପାଖେଇ ଆସିଲା । କ୍ଲାସ ଟି ପୁରା ଭରିଯାଇଥିଲା । କ୍ଲାସ କୁ ଆସିଷ୍ଟାଣ୍ଟ ପ୍ରଫେସର ଆସିଲେ ଏବଂ ବିଧିବଦ୍ଧ ଭାବେ ସବୁ ପିଲା ଛିଡା ହେଲେ ଏବଂ ତାରି ପରେ ଆସିଷ୍ଟାଣ୍ଟ ପ୍ରଫେସର ବିଶ୍ୱବିଦ୍ୟାଳୟ କୁ ସମସ୍ତ ଙ୍କୁ ସ୍ୱାଗତ କରିବା ପରେ କିଛି ସାମାନ୍ୟ ବିଶ୍ୱବିଦ୍ୟାଳୟ ର ବିଷୟରେ କହିଲେ ଏବଂ କିଛି ସାମାନ୍ୟ ରୁଲ୍ ରେଗୁଲେସନ । ତାର ପରେ କ୍ଲାସ ଟି ବେଶ୍ ସୁରୁଖୁରୁରେ ରେ ହେଲା । ପଢ଼ାଇବା ର ଷ୍ଟାଇଲ ମଧ ଭିନ୍ନ ବେଶିକରି ଇଂରାଜୀ ଉପରେ ଜୋର୍ ଦିଆଯାଉଥିଲା । ଆସିଷ୍ଟାଣ୍ଟ ପ୍ରଫେସର ଇଂଲିଶ ବ୍ୟବହାର କରି ପଢ଼ାଉ ଥିଲେ କାରଣ ବିଶ୍ୱବିଦ୍ୟାଳୟ ପଶ୍ଚିମ ଓଡ଼ିଶା ର ଏକ ମାତ୍ର ଜଣାଶୁଣା ବିଶ୍ୱବିଦ୍ୟାଳୟ ଏବଂ ପୁରା ୱାର୍ଲ୍ଡକ୍ଲାସ ଶିକ୍ଷା ଦିଆ ଯାଉଥିଲା ...ଯେ..... ଏଠାରୁ ପିଲା ମାନେ ବାହାରି ପୃଥିବୀ ର ଯେ କୌଣସି ଦେଶ ବିଦେଶ କୁ ଯାଇ ଆରାମ ରେ ରହିପାରିବେ, ପଢିପାରିବେ । ସନ୍ତୋଷ କୁ ଟିକେ ଅସୁବିଧା ହେଲା କିନ୍ତୁ ଏଠାକାର ପରିବେଶ ରେ ସମସ୍ତେ ମିଳେଇ ଗଲେ ।

ପ୍ରଥମ କ୍ଲାସ ଟି ପରେ ଆଉ ଗୋଟେ କ୍ଲାସ ଥିଲା ତାକୁ ମଧ ସାରି ସନ୍ତୋଷ ତାର ଚାୟର୍ ରୁମ୍ କୁ ଆସିଲା ପ୍ରାୟ ୧୨ଟା ରେ । ରାହୁଲ ଓ ଅନିଶ ଆଗରୁ ଆସିସାରିଥିଲେ । ତିନି ଜଣ ମିଶିକି ମଧ୍ୟାହ୍ନ ର ଖାଇବା ପିଇବାକୁ ରେଷେଇ ଆରମ୍ଭ କରିଦେଲେ । ପ୍ରାୟ ୧ଟା ବେଳକୁ ସବୁ ସାରି ଖାଇ ସମସ୍ତେ ବିଶ୍ରାମ କଲେ । ସନ୍ତୋଷ କୁ ଝାପସା ଝାପସା ନିଦ ଆସୁଥିଲା । ତା ପରେ ସନ୍ଧ୍ୟା ସମୟରେ ତିନିଜଣ ସମ୍ବଲପୁର ର ବ୍ୟସ୍ତ ବହୁଳ ଟାଉନ ରେ ବୁଲିବାକୁ ଗଲେ ମଜା ମଜଲିସ୍ କରି ପୁଣି ଫେରିଆସିଲେ ଓ ଟିକେ ପଢାପଢ଼ି କରି ଶୋଇ ପଡିଲେ ।

ସକାଳ ରେ ପୁଣି ସେହି ଟାଇମଟେବୁଲ୍ କୁ ଅନୁସରଣ କରି କ୍ଲାସ କରିବାକୁ ସନ୍ତୋଷ ବାହାରିପଡିଲା । କିନ୍ତୁ ଏଦିନ ସନ୍ତୋଷ ପୁରା ଖୁସି ର ସହ କ୍ଲାସ କୁ ପ୍ରବେଶ କଲା ଓ ଅନ୍ୟମାନଙ୍କ ସହ କଥାବାର୍ତା କରି ନୂଆ ନୂଆ ସାଙ୍ଗ ବନାଇଲା । ପ୍ରଥମ ଦିନ ଟିକେ ଟିକେ ଡରୁଥିଲା କିନ୍ତୁ ପରଦିନ ଠାରୁ ମିଳିମିଶି ଗଲା । ପୁଅ ଝିଅ ସମସ୍ତ ସହ ବନ୍ଧୁତା ସ୍ଥାପନ ହେଲା ଓ ଏହି ପରି ଭାବରେ ପଢାପଢ଼ି ଚାଲିଲା ।



କିଛି ଦିନ କ୍ଲାସ ହେଲା ପରେ ସବୁ ବିଷୟର କ୍ଲାସ ଚାଲିଲା । କିଛି ଦିନ ପରେ ଆଉ ଗୋଟିଏ ଗେଷ୍ଟ ଫାକଲ୍ଟି -ଇକୋନୋମିକ ( ଅର୍ଥନୀତି) ବିଷୟ ପଢ଼ାଇବାକୁ ନୂଆ ହୋଇ ଆସିଲେ, କାରଣ ଅର୍ଥନୀତି ବିଷୟ ଟି କୋର ବିଷୟ ନୁହେଁ । ଯେଉଁ ଗେଷ୍ଟ ଫାକଲ୍ଟି ଟି ପଢ଼ାଇବା କୁ ଆସିଥିଲେ ସେ ବୟସ ରେ ମଧ୍ୟ ବେଶୀ ବଡ ନଥିଲେ ତେଣୁ ସବୁ ପିଲା ମାନଙ୍କ ସହ ମିଶି ଯାଉଥିଲେ । ମଝିରେ ମଝିରେ ଗୁପଚୁପ, ଚା. ର ସୁଯୋଗ ମିଳେ ମଧ୍ୟ ସାର୍ ଙ୍କ ସହିତ । ଧିରେ ଧିରେ କଲେଜ ରେ ସନ୍ତୋଷ : ମୋଟାମୋଟି କହିବାକୁ ଗଲେ ପ୍ରାୟ ସମସ୍ତ ଙ୍କ ସହିତ ପରିଚିତ ହେଇଗଲା । ସମସ୍ତ ଙ୍କ ସହ ମିଳାମିଶା କରି ସମସ୍ତ କୁ ଭଲ ଭାବେ ଜାଣିଥିଲା ।

ପ୍ରାୟ ଦୁଇ ମାସ ବିତିଯିବା ପରେ, ସିନିୟର୍ ମାନେ ସବୁ ବିଭାଗ ର ଜୁନିଅର ମାନଙ୍କୁ ନିଜ ନିଜ ବିଭାଗ ରେ ଫ୍ରେସର ପାର୍ଟି (ସ୍ବାଗତ ଉତ୍ସବ) ଦେବାକୁ ସ୍ଥିର ହେଲା କିନ୍ତୁ ବାଣିଜ୍ୟ ବିଭାଗ ଛାତ୍ର ମାନଙ୍କର ସେ ଭାଗ୍ୟ ନ ଥିଲା ବୋଧେ । କାହିଁକି ନା ୪୦୦ ପିଲା କୁ ନେଇ ଏତେ ବଡ ଆକାର ର ପାର୍ଟି କରିବାକୁ ବାଣିଜ୍ୟ ବିଭାଗ ରେ ସୁବଧା ନ ଥିଲା । ପୁଣି ଏତେ ପିଲାଙ୍କୁ ଏକତ୍ରିତ କରି କୌଣସି କାମ କଲେ ଗଣ୍ଡଗୋଳ ହେବାର ଆଶଙ୍କା ମଧ୍ୟ । ତେଣୁ ଯେତେବେଳେ ବିଶ୍ୱବିଦ୍ୟାଳୟ ରେ ଅନ୍ୟ ବିଭାଗ ରେ ପାର୍ଟି ହେଉଥିଲା ବାଣିଜ୍ୟ ବିଭାଗ ରେ ମରୁଭୂମି, ସମସ୍ତ ଙ୍କ ମନ ଭାରି ଦୁଃଖ; କିନ୍ତୁ ହାତରେ କିଛି ନାହିଁ । ଏବଂ ବିଭାଗ ମୁଖ୍ୟ ମଧ୍ୟ ବାହାର୍ କୁ ଯାଇ ପାର୍ଟି କରିବାକୁ ଅନୁମତି ଦେଉନଥିଲେ କାରଣ ଦୁନିଆ ଏବେ ଆଉ ଆଗ ପରି ନାହିଁ ।

ବିଶ୍ୱବିଦ୍ୟାଳୟ ରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ପ୍ରକାଶିତ : ସନ୍ତୋଷ ର ପ୍ରଥମ ଲେଖା - 'ରାସ୍ତା କଡ଼ ର ମଣିଷ ' ଗଳ୍ପ ପ୍ରକାଶ ପାଇଲା ଦିନ ଠାରୁ ସନ୍ତୋଷ ଆଉ ପଛକୁ ଫେରି ଦେଖି ନାହିଁ । ଆଗାମୀ ଦିନ ଗୁଡିକରେ ପ୍ରାୟ କେତେ କେତେ ପତ୍ର ପତ୍ରିକା, ଖବରକାଗଜ, ବହି ଗୁଡ଼ିକ ରେ ତାର ଲେଖା ଗୁଡ଼ିକ ପ୍ରକାଶ ପାଇ ଆସୁଛି ।

.................

ଦିନେ ସନ୍ତୋଷ କେଉଁଠାରୁ ଜାଣିବାକୁ ପାଇଲେ ଯେ ବିଶ୍ୱବିଦ୍ୟାଳୟ ର ଓଡ଼ିଆ ବିଭାଗ ପକ୍ଷରୁ ପ୍ରକାଶିତ ହେଉଥିବା ଏକ ପତ୍ରିକା ( ମାଗାଜିନ୍) ।ବିଶ୍ୱବିଦ୍ୟାଳୟ ରୁ ଖବର ପାଇବା ପରେ, ପତ୍ରିକା ର ସଂପାଦକ ଙ୍କ ସହ ଯୋଗାଯୋଗ କଲା ପରେ ସନ୍ତୋଷ ତାର ଜୀବନ ର ପ୍ରଥମ ନିଜେ ସୃଷ୍ଟି କରିଥିବା ସନ୍ଦର୍ଭ ତାଙ୍କ ନିକଟ କୁ ପଠାଇ ଥିଲା ଏବଂ ତାହା ପ୍ରକାଶିତ ହୋଇଥିଲା ।

ସମ୍ପାଦକ ମହୋଦୟ ଙ୍କ ଦ୍ୱାରା କଥା ହେଲା ପରେ ରାତି ରେ ସନ୍ତୋଷ ସାଙ୍ଗେସାଙ୍ଗେ ତାର ଜଣେ ଅତି ପୂଜନୀୟ ସାର୍ କବିଶ୍ରୀ ରାହାସ ଚନ୍ଦ୍ର ଏବଂ ଅଧ୍ୟାପକ ବିପିନ ସାର୍ ଙ୍କୁ ଫୋନ୍ କରି କେମିତି ଲେଖାଲେଖି ଆରମ୍ଭ କରିବ ସେ ବିଷୟ ରେ ପରାମର୍ଶ ନେଲା । ପ୍ରାୟ ସମସ୍ତ ନିୟମ ଯାହା ଲେଖିଲା ବେଳେ ଲାଗିଥାଏ ସେ ସବୁ ସାର୍ ଙ୍କ ଠାରୁ ବୁଝିନେଲା । ପ୍ରାୟ ୫ ଦିନ ପରେ ସନ୍ତୋଷ ତାର ଜୀବନ ର ପ୍ରଥମ ସନ୍ଦର୍ଭ ଲେଖିବା ସମାପ୍ତ କରିଥିଲା । ତାକୁ ପ୍ରଥମେ ସାର୍ ଙ୍କ ଠାରୁ ଥରେ ଚେକିଂ କରିବା ପରେ ସେହି ଲେଖା ଟିକୁ ବିଶ୍ୱବିଦ୍ୟାଳୟ କୁ ପଠାଇ ଥିଲା ।

ପ୍ରାୟ ମାସେ ଖଣ୍ଡେ ବିତିଯିବା ପରେ ଦିନେ ରାତି ରେ ସନ୍ତୋଷ ପାଖକୁ ଫୋନ ଆସିଲା ଯେ ଆପଣଙ୍କ ସନ୍ଦର୍ଭ ଟି ଆସନ୍ତାକାଲି ପ୍ରକାଶିତ ହେବ । ଏବଂ ଏକ ନିମନ୍ତ୍ରଣ ପତ୍ର ମେଲ୍ ମାଧ୍ୟମ ରେ ଆସିଥିଲା ପ୍ରକାଶନ ରେ ଯୋଗ ଦେବାକୁ ।

ଯାର ପରଦିନ, ସମୟ ଠିକ୍ ଦିନ ୩ଟା ରେ ବିଶ୍ୱ ବିଦ୍ୟାଳୟ ର କୁଳପତି ଙ୍କ ଦ୍ୱାରା ଉନ୍ମୋଚନ ହେଲା 'ଶୁଭଗଙ୍ଗା' ନାମକ ପତ୍ରିକା ଓ ସେଥିରେ ଥିବା ସେହି ସନ୍ଦର୍ଭ ଟି ମଧ୍ୟ । ପ୍ରକାଶ ପାଇବା ପରେ ସମସ୍ତେ ସନ୍ତୋଷ କୁ ଶୁଭେଚ୍ଛା ଜଣାଇଲେ । ଏବଂ କୁଳପତି ମହୋଦୟ ମଧ୍ୟ ଅଭିନନ୍ଦନ ଜଣାଇଥିଲେ ଯେ ବାଣିଜ୍ୟ ବିଭାଗ ଛାତ୍ର ହୋଇ ମଧ୍ୟ ଓଡ଼ିଆ ଭାଷା ରେ ଏପରିକା କୃତି ପାଇଁ । ତାରି ପରେ ଶୁଭେଚ୍ଛା ର ସୁଅ ବନ୍ଦ ହେଲା ନାହିଁ । ତା ପରଦିନ କ୍ଲାସ ରେ ସାର୍ ମଧ୍ୟ ପ୍ରସଂଶା କରିଥିଲେ । ସାଙ୍ଗ ମାନେ ମଧ୍ୟ ଶୁଭେଚ୍ଛା ଜଣାଇଲେ ଏବଂ ସେହି ଦିନ ଠାରୁ ଅଧା ରୁ ଅଧିକ ଯେଉଁମାନେ କୁ ସନ୍ତୋଷ କୁ ଆଗରୁ ଜାଣି ନ ଥିଲେ ସେମାନେ ମଧ୍ୟ ସନ୍ତୋଷ କୁ ଜାଣିଲେ । ସନ୍ତୋଷ ର ଆନନ୍ଦ ର ସୀମା ନାହିଁ ।

ରୁମ୍ ନ. ୧୧୬ ରୁ ଆରମ୍ଭ ହୋଇ ଥିବା ଯାତ୍ରା ଟି ଏବେ ମଧ୍ୟ ଜାରି ରହିଛି । ଯେଉଁ ଯାତ୍ରା ରେ କି ପାଠ ପଢ଼ିବା ପାଇଁ କେତେ ସଂଘର୍ଷ କରିବାକୁ ପଡିଥିଲା, ରାତି ଦିନ ର କଠିନ ପରିଶ୍ରମ ଯା ଭିତରେ ଛପି ରହିଛି । ରୁମ୍ ନ. ୧୧୬ ରୁ ମିଳିଥିବା ଶିକ୍ଷା, ଆର୍ଶୀବାଦ , କର୍ମ, ଜୀବନ ଦର୍ଶନ... ସନ୍ତୋଷ ର ଜୀବନ ରେ ଗୋଟେ ଗୋଟେ ସ୍ୱର୍ଣ୍ଣ ମୁଦ୍ରା ଭୁପି ଆଶିର୍ବାଦ । ଆଜି ସନ୍ତୋଷ କେତେ କେତେ ଗଳ୍ପ, ପ୍ରବନ୍ଧ: ଓଡ଼ିଆ, ହିନ୍ଦୀ ଏବଂ ସମ୍ବଲପୁରୀ ଭାଷା ରଚନା କରିଛି ; ତାର ଭିତରେ 'ରାସ୍ତାକଡ଼ ର ମଣିଷ' , 'ପ୍ରଶ୍ନା ', 'ବିକାଶ ଗୋଟିଏ ଆବିଷ୍କାର', 'ପ୍ରଥମ ଆଷାଢ଼' ,'ମାଟିର କୁପୀ' ଅନ୍ୟତମ ।ଆଜି ମଧ୍ୟ ନାନା ପ୍ରକାର ପତ୍ର ପତ୍ରିକା ରେ ପ୍ରକାଶିତ ହେଇ ଆସୁଛି କେତେ କେତେ ନୂଆ ନୂଆ ସନ୍ଦର୍ଭ ।

ଏ ମଣିଷ ତିଆରି କାରଖାନା ରେ, କେତେ କେତେ ମଣିଷ; ମଣିଷ ହୋଇ ସମାଜ ଏବଂ ଦେଶ କୁ ଆଗେଇ ନେଉଛନ୍ତି । ଛୋଟ ଗାଁ, ସହର ରୁ ବାହାରି ପ୍ରତିଭା ମାନେ ଉଚିତ୍ ଶିକ୍ଷା ପାଇ ଏହି କାରଖାନା ରୁ ନିଜକୁ ଏକ ନୂଆ ଭାବ ରେ ଆବିଷ୍କାର କରିବାରେ ଏହି ଶିକ୍ଷା ମନ୍ଦିର ସର୍ବଦା ତାର ଛାପ ଛାଡିଯାଏ । ଯେଉଁ ସଂପର୍କ କ୍ଲାସ ରୁମ୍ ରୁ ଆରମ୍ଭ ହେଇଥିଲା ତାହା କେବେ ମଧ୍ୟ ଭୁଲିହେବ ନାହିଁ । ଯେଉଁ କ୍ଲାସ ରୁମ୍ ଟି କେବଳ ଯେ ଇଟା ,ବାଲି ରେ ଗଢା ଛିଡା ହୋଇଛି ତାହାର ପ୍ରତେକ୍ ପିଲା ହେଉଛନ୍ତି ଗୋଟେ ଗୋଟେ ସ୍ତମ୍ଭ । ଜୀବନ ଜ୍ୟାମିତି ସହିତ ସଂଘର୍ଷ ର ସଂକେତ କୁ ସୂତ୍ର ପରି ବ୍ୟବହାର କରି ପାହାଚ ପରେ ପାହାଚ ଅତିକ୍ରମ କରି ଅତୀତ ସହ ବର୍ତ୍ତମାନ୍ ର ସ୍ମୃତି କୁ ସାଇତି ଆଗେଇ ଯିବାକୁ ହେବ । ଯିଏ ସେ ରୁମ୍ ରେ ପଢୁଛି ବା ପଢ଼ିସାରିଛି ସେ କେତେ ଭାଗ୍ୟବାନ ଯେ ତାହା କୌଣସି ଲେଖକ ତାର କଲମ ମୁନ ରେ ଲେଖିବା ଟା ମଧ୍ୟ କଷ୍ଟକର । ତାର ଋଣ କେବେ ମଧ୍ୟ ପରିଶୋଧ କରିହେବ ନାହିଁ । ରୁମ୍ ନଂ.୧୧୬ ଏବଂ ଛାତ୍ର ମାନଙ୍କ ଜୀବନ ଗଢ଼ିବାର ନକ୍ସା ଏବଂ ନୈତିକତା ଜୀବନ ବ୍ୟାପି ଏକ ଅଭୁଲା ଅଳଙ୍କୃହୀନ ଜୀବନ ଚର୍ଯ୍ୟା ପାଲଟି ଯାଇଛି । ରୁମ୍ ନଂ ୧୧୬ ଜୀବନ ଗଢ଼ା ଇତିହାସର ଏକ ଅବିଚ୍ଛେଦ୍ୟ ଅଭୁଲା ପର୍ଦ୍ଦରେ ପରିଣତ ହେଇ ଯାଇଛି । ସେ ସେଇମିତି ମଣିଷ ଗଢ଼ା ରୁମଟିଏ ହେଇ ରହିଛି ରହିଥିବ ଏ ସମାଜରେ ଅନେକ ଅନେକ କୃର୍ତଛାତ୍ର ସେଇ ରୁମରେ ନିଜ ଜୀବନକୁ ଗଢ଼ି ଦେଶ ବିଦେଶରେ ପାଦ ଥାପୁଥିବା ପର୍ଯ୍ୟନ୍ତ । ତାର ଅବଦାନ ଅଦେଖା ଆଖି ପର୍ଯ୍ୟନ୍ତ ଦିଶୁଥିବ କୃର୍ତଛାତ୍ର ମାନଙ୍କର ସଫଳତାର ପାଦ ଯେତେ ଦୂର ପର୍ଯ୍ୟନ୍ତ ପହୁଥିବ ।।

# ଶିଖା ପାତ୍ର

## INDULGE SALON, BALASORE

### ନିଜ ପ୍ରାରମ୍ଭିକ ଜୀବନ ବିଷୟରେ କୁହନ୍ତୁ ?

ବାପା navy ରେ୍ କାମ କରୁଥିଲେ୍ । ପିଲାଦିନ ବହୁତ ଜାଗାରେ୍ ବିତିଛି ।ବାପାଙ୍କ ଗୋଟେ ଜାଗାରେ୍ job ନଥିଲା ।ସେଇପାଇଁ ଆମେ ବାହାରେ୍ ବଢିଥିଲୁ, ଗାଁରେ୍ ବଢିନୁ । ମୁଁ llb କାରୁଥିଲି୍ । ପିଲାଦିନରୁ ମୁ ବହୁତ right judgement ନେଉଥିଲି୍ । ବାପା ଚାହୁଁଥିଲେ୍ ମୁଁ ଜଣେ ଓକିଲ୍ ହୁଏ । କିନ୍ତୁ ସେଇ୍ ସମୟରେ୍ ମୋର୍ marriage ହେଇଗଲା । ମୋର୍ husband abroad ରହୁଥିଲେ୍ । ସେଇପାଇଁ ମୁ ମଧ୍ୟ abroad ପଳେଇଥିଲି୍ । ଯେ weakness ଥିଲା, ଆଉ୍ ମୋ passion ଥିଲା, ତେଣୁ ମୁଁ ଏହି ବ୍ୟବସାୟକୁ ବାଛିଲି୍ ।

### ଏହି ବ୍ୟବସାୟ ପୂର୍ବରୁ ଆପଣ କଣ କରୁଥିଲେ ?

୧୪years Moscow ରେ୍ ରହିଛି । ୭ yrs ହେବ ଓଡିଶା ଆସିଛି । ଆମେ ଜାଣିପାରୁନଥିଲୁ କେଉଁଟି start କରିବା । ଆମକୁ time ଲାଗିଲା market study କରିବା ପାଇଁ । ସେଥିପାଇଁ ପାଇଁ Lakme join କରିଲି as a salon manager. Job କରିବା ପରେ୍ ଜାଣିଲି୍ ବାଲେଶ୍ୱର୍ ଲୋକ ମାନଙ୍କର୍ mentality, ଏମାନଙ୍କୁ କଣ ଦରକାର୍ exactly, କାହିଁକି ଭୁବନେଶ୍ୱର୍ ଦୌଡୁଛନ୍ତି ? ଏଠି ତାଙ୍କୁ କଣ service ମିଳିପାରୁନି ? ସେଇଟାକୁ mindରେ୍ ରଖି ଆମେ ଭାବିଲୁ କେମିତି service ଦେଇ୍ ପାରିବୁ ? Only upper middleclass ନୁହେଁ, middle class ମାନଙ୍କୁ ମଧ୍ୟ ଆଖି ଆଗରେ୍ ରଖି, ସେମାନଙ୍କ pocket friendly budget ରଖିଛୁ । ଲୋକମାନେ ମଧ୍ୟ ପସନ୍ଦ କରୁଛନ୍ତି । best service ମଧ୍ୟ ପାଉଛନ୍ତି ।

### ଏହି ବ୍ୟବସାୟ ବ୍ୟତିତ ଆଉ କଣ କରିବାର ଯୋଜନା ଏବେ ଅଛି ।



Mindରେ୍ ବହୁତ project ଅଛି । sideରେ୍ cafeteria କରିବୁ, ଉପରେ୍ roof top restaurant କରିବୁ । ଯେଉଁଟା ବାଲେଶ୍ୱରରେ୍ ନାହିଁ ଆଉ୍ ଯେଉଁ ଜୀବନ ଶୈଳି ଲୋକ ଖୋଜୁଛନ୍ତି, ଯେଉଁଟା ପାଇଁ ସେମାନେ ବାହାରକୁ ଯାଉଛନ୍ତି, ସେଇଟା ଯିବାକୁ ନପଡୁ ବୋଲି୍ ଆମେ mindରେ୍ ରଖିକି project କରୁଛୁ ଏବଂ ଆଶା କରୁଛୁ ନିଶ୍ଚିତ ସଫଳ ହେବୁ ।

### ବ୍ୟବସାୟ ବ୍ୟତିତ ଆପଣ କେମିତି ସମୟ ବିତେଇବାକୁ ଭଲ ପାଆନ୍ତି ?

I am a pet lover & nature lover । ମୁଁ nature ସହିତ time spend କରିବାକୁ କେତେବେଳେ ବାହାରକୁ ପଳାଏ । ଆଉ୍ rest of the time pet ମାନଙ୍କ ସହିତ ସମୟ ବିତାଏ ।

### ବ୍ୟବସାୟ ପାଇଁ ପରିବାରର ସମର୍ଥନ ବିଷୟରେ କିଛି କୁହନ୍ତୁ ?

ନିଶ୍ଚୟସ୍ୱାମୀଙ୍କ ପ୍ରେରଣା, ପରିବାରର୍ ସମର୍ଥନ, ଭାଇ୍, ଭଉଣୀ, ବାପା, ମା ସମସ୍ତଙ୍କ ପୂର୍ଣ୍ଣ ସହଯୋଗ ଅଛି । ଆଜିକା ଦିନରେ୍ ପୁରୁଷ, ମହିଳା ୨ ଜଣ ଯଦି କାନ୍ଧକୁ କାନ୍ଧ ମିସେଇକି କାମ କରିବା ଉଚିତ୍, ଏହା ଆମ ପରିବାରର୍ ମତ ।

# କ୍ଷୀରଚୋରା ଗୋପୀନାଥ ମନ୍ଦିର



ବିଭୁତି ଭୂଷଣ ମହାନ୍ତି

ରେମୁଣା,ବାଲେଶ୍ୱର

ରେମୁଣା ଓଡ଼ିଶାରେ ଓ ସାରା ଭାରତରେ କଂସା ଓ ପିତଳ ବାସନ ଓ ରମ୍ୟ ରେମୁଣା ଭାବେ ଜଣାଶୁଣା ।ଏଠାକାର ପ୍ରସିଦ୍ଧ ପ୍ରଭୁ କ୍ଷୀରଚୋରା ଗୋପୀନାଥ ମନ୍ଦିର ପୃଥିବୀ ପ୍ରସିଦ୍ଧ । ଏହା ବାଲେଶ୍ୱରଠାରୁ ୯ କିମି ପୂର୍ବରେ ହାଉଡ଼ା ଓ ଭୁବନେଶ୍ୱର ମଝିରେ ପଡ଼େ । ରେମୁଣା ନାମଟି ରମଣୀୟ ଶବ୍ଦରୁ ଆସିଛି ଯାହାର ଅର୍ଥ ସୁନ୍ଦର । କ୍ଷୀରଚୋରା ଗୋପୀନାଥ ମନ୍ଦିର ଓଡ଼ିଶାର ହିନ୍ଦୁ ମନ୍ଦିରମାନଙ୍କ ଭିତରେ ଏକ ଜଣାଶୁଣା ଏବଂ ପ୍ରସିଦ୍ଧ ଆନ୍ତର୍ଜାତୀୟ ମନ୍ଦିର । ଏହା ଗଙ୍ଗବଂଶର ରାଜା ଲାଙ୍ଗୁଳା ନରସିଂହଦେବଙ୍କଦ୍ୱାରା ତିଆରି କରାଯାଇଥିଲା ଯେକି ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ । ବୃନ୍ଦାବନର ତିନି ଠାକୁର ଶ୍ରୀ ମଦନମୋହନ(ସମ୍ବନ୍ଧ ତତ୍ତ୍ୱ), ଶ୍ରୀ ଗୋବିନ୍ଦ(ଅଭିଧେୟ ତତ୍ତ୍ୱ), ଶ୍ରୀ ଗୋପୀନାଥ(ପ୍ରୟୋଜନ ତତ୍ତ୍ୱ)ଭଳି ଏଠାରେ ଏହି ତିନି ଠାକୁର ବିରାଜିତ ହୋଇଥିବାରୁ ଏହାକୁ ପୂର୍ବ ଭାରତର ଗୁପ୍ତ ବୃନ୍ଦାବନ ଧାମ ମଧ୍ୟ କୁହାଯାଏ ରେମୁଣାର ଗଛଲତା ଭରା ଏକ ଶୀତଳ ପରିବେଶ ଭିତରେ ଗୋପୀନାଥ ପୂଜା ପାଉଥାନ୍ତି । ବର୍ଷ ସାରା ଏହି ମନ୍ଦିରକୁ ଅନେକ ଭକ୍ତଙ୍କ ସୁଅ ଛୁଟିଥାଏ ।ଏହା ୧୩ଶ ଶତକରେ ଉତ୍କଳର ଗଙ୍ଗ ବଂଶର ନରପତି ଲାଙ୍ଗୁଳା ନରସିଂହ ଦେବଙ୍କ ଦେଇ ତିଆରି ହୋଇଥିଲା । ଶ୍ରୀପାଦ ମାଧବେନ୍ଦ୍ର ପୁରୀ ଗୋସାଇଁ, ଶ୍ରୀ ଶ୍ରୀ ରସିକାନନ୍ଦ ଦେବ ଗୋସାଇଁ ପ୍ରମୁଖ ସନ୍ଥ ଏଠାରେ ଅନେକ କାଳ କାଟିଛନ୍ତି । ମନ୍ଦିରଠୁ ୧ କି.ମି. ଦୂରରେ ରାଜା ଲାଙ୍ଗୁଳା ନରସିଂହ ଦେବ ଓ ରାଣୀଙ୍କ ଅବସ୍ଥାନର ପ୍ରତୀକ ସ୍ୱରୂପ ଦୁଇଟି ପୋଖରୀ, କୁଟପୋଖରୀ ଓ ବନ୍ଧୁ ପୋଖରୀ ରହିଛି । ଏହା କୂଳରେ ଜଗନ୍ନାଥ ମନ୍ଦିର ଓ ଭାରତର ଦ୍ୱିତୀୟ ଅଷ୍ଟଭୁଜା ମନ୍ଦିର ଅବସ୍ଥିତ ।କିମ୍ବଦନ୍ତୀ ଅନୁସାରେ ରାମଚନ୍ଦ୍ର ସୀତାଙ୍କୁ ଗଙ୍ଗାରେ ସ୍ନାନ କରାଇବା ଉଦ୍ଦେଶ୍ୟରେ ଏଠାରେ ଗଙ୍ଗାଙ୍କୁ ସ୍ମରଣ କରି ସାତଟି ଶର ମୁନରେ ସପ୍ତରେଖା ନଦୀ ଖନନ କରିଥିଲେ , ଅଧୁନା ଏହା ନାଳରେ ପରିଣତ ହୋଇଛି ।କୁହାଯାଏ ଥରେ ଜଣେ ଭକ୍ତ ମାଧବେନ୍ଦ୍ର ପୁରୀ, ବୃନ୍ଦାବନର ତାଙ୍କର ସେବିତ ଠାକୁର ଶ୍ରୀ ଗୋପାଳଙ୍କ ପାଇଁ ଜଗନ୍ନାଥ ପୁରୀରୁ ମଳୟ ଚନ୍ଦନ ନେବା ଉଦ୍ଦେଶ୍ୟରେ ବୃନ୍ଦାବନରୁ ଚାଲି ଚାଲି ଆସି ରେମୁଣା ଗୋପୀନାଥ ମନ୍ଦିରରେ ବିଶ୍ରାମ କରିଥିଲେ । ଗୋପୀନାଥଙ୍କଠାରେ ଲାଗିଥିବା କ୍ଷୀରଭୋଗ(ଅମୃତକେଳି)କୁ ଦେଖି ଭୋଗ ପାଇବାର ଇଚ୍ଛା ହୋଇଥିଲା । କିନ୍ତୁ ସେ ଅଯାଚିତ ହୋଇଥିବାରୁ ମନର ଇଚ୍ଛା ପ୍ରକାଶ କଲେ ନାହିଁ । ଶ୍ରୀ ଗୋପୀନାଥ ଭକ୍ତର ମନକଥା ଜାଣିପାରି ବାରଟି କ୍ଷୀରଭୋଗ ମଧ୍ୟରୁ ଗୋଟିଏ କ୍ଷୀରଭୋଗ ତାଙ୍କ ପିନ୍ଧିଥିବା ଧୋତିତଳେ ଲୁଚାଇ ରଖି ପୂଜକଙ୍କୁ ଅର୍ଦ୍ଧରାତ୍ରିରେ ଉଠାଇ ଭକ୍ତ ମାଧବେନ୍ଦ୍ରଙ୍କୁ କ୍ଷୀରଭୋଗ ଦେଇଆସିବା ପାଇଁ ନିର୍ଦ୍ଦେଶ ଦେଲେ । ପୂଜକ ଉଠି ସ୍ନାନକରି ସତକୁ ସତ ଦେଖିଲେ ଗୋପୀନାଥଙ୍କ ଧୋତିତଳେ କ୍ଷୀରଭୋଗଟିଏ ଅଛି । ସେ ତୁରନ୍ତ କ୍ଷୀରଭୋଗଟି ନେଇ ଅନତି ଦୂରରେ ବସି କୀର୍ତ୍ତନ କରୁଥିବା ମାଧବେନ୍ଦ୍ରଙ୍କୁ ଦେଇଥିଲେ । ମାଧବେନ୍ଦ୍ର ପୁରୀ ସେଇ କ୍ଷୀରଭୋଗ ପାଇ ଆନନ୍ଦରେ ନୃତ୍ୟ କରି ମୂର୍ଚ୍ଛିତ ହୋଇପଡ଼ିଲେ, ପୁଣି ଉଠି ନିଜକୁ ଧିକ୍କାର କଲେକି ପ୍ରଭୁ ଗୋପୀନାଥ ତାଙ୍କ ପାଇଁ ରାତ୍ରି ଅନିଦ୍ରା ରହି ଏତେ କଷ୍ଟ କଲେ । ତତ୍ପରେ ସେ ପ୍ରତିଷ୍ଠା ଭୟରେ ସକାଳ ହେବା ପୂର୍ବରୁ ରେମୁଣା ଛାଡି ପୁରୀ ଅଭିମୁଖେ ପଳାୟନ କଲେ । ସେହିଦିନଠାରୁ ଶ୍ରୀ ଗୋପୀନାଥ କ୍ଷୀରଚୋରା ଗୋପୀନାଥ ନାମରେ ପ୍ରସିଦ୍ଧ ହେଲେ ।

ଭକ୍ତ କବିତାଟି ଭକ୍ତ ମାଧବେନ୍ଦ୍ରଙ୍କ ଉଦ୍ଦେଶ୍ୟରେ
ଗୋପୀନାଥଙ୍କର ଦର୍ଶନ କରିଣ
ମନୁ ଦୂର କରି ତ୍ରାସ
ଆହେ ପ୍ରଭୁ ମୋର ଦୋଷ ନ ଧରିବ
ମୁଁ ତୁମର କିଣା ଦାସ ।
ପ୍ରଭୁଙ୍କର ପୂଜାଧିର୍ବିଧାନ କି
ଭୋଗ ଲାଗୁଛି ଏଠି
ପୂଜାରୀକି ଯାଇ ପଚାରି ବୁଝନ୍ତି
ବସିବା ସ୍ଥାନରୁ ଉଠି ।
ଅମୃତ କେଳିର ଖିରି ଭୋଗ ଏଠି
ପ୍ରସିଦ୍ଧ ପଣ ରେ ଖ୍ୟାତି
ସୁସ୍ୱାଦୁ ପଣ ରେ ପୃଥିବୀରେ ନାହିଁ
ଏଠି ଲାଗୁ ଅଛି ନିତି ।
ଅମୃତ କେଳିର ଖିରି ଭୋଗ ଶୁଣି
ବଳିଲା ତାଙ୍କର ମନ
ଟିକିଏ ପ୍ରସାଦ ଖିରି ଚାଖନ୍ତି କି
ମନ ହୋଇଲା ଉଚ୍ଛନ୍ନ ।
ଭକ୍ତ ମନ କଥା ଜାଣିଲେ ମାଧବ
ତାଙ୍କୁ ବା କେଉଁ ଅଜଣା
ଖିରି ଭୋଗ ଟିଏ ଲୁଚାଇ ରଖିଲେ
କାହାରି କି ନୁହେଁ ଜଣା ।
ଆଳତି ସରିଲା ପହଡ଼ ପଡ଼ିଲା
ସର୍ବେ ଗଲେ ନିଜ ଘର
ଆମ୍ବ ତୋଟା ତଳେ ମାଧବେନ୍ଦ୍ର ପୁରୀ
ବସିଛନ୍ତି ଅନାହାର ।
ପ୍ରଭୁଙ୍କର ନାମ ଜପନ୍ତି ମନରେ
କେତେ ଅପରାଧ କଲି
ଅଯାଚକ ହୋଇ ମନର ମଧ୍ୟରେ
ଜିହ୍ୱା ଲାଳସା ରଖିଲି ।
ଗୋପୀନାଥ ଆଜି ଶୋଇ ପାରନ୍ତେନି
ମାଡୁ ନାହିଁ ଆଜି ନିଦ
ଅନାହାରେ ମୋର ଭକତ ବସିଛି
କିପରି ଦେବି ପ୍ରସାଦ ।
ପୂଜାରୀ କି ଯାଇ ସପନେ କହିଲେ





ଉଠ ସେବକ ପ୍ରବର
ଉ◌ରୀ ତଳେ ମୁଁ ଲୁଚାଇ ରଖିଛି
ଖିରି କୋହୁଆଟି ମୋର ।
ନେଇ କରି ଦେବୁ ଭକ୍ତକୁ ମୋହର
ନାମ ମାଧବେନ୍ଦ୍ର ପୁରୀ
ଅଯାଚକ ବ୍ରତୀ ହୋଇ ସେ ଥିବାରୁ
ମାଗି ପାରିଲାନି ଖିରି ।
ମନ୍ଦିର ପଛର ଆମ୍ବ ତୋଟା ତଳେ
ବସି ସେ କରୁଛି ଧ୍ୟାନ
ଅନାହାରେ ମୋ ଭକ୍ତ ରହିଅଛି
ନିଦ୍ରାରେ ନାହିଁ ମୋ ମନ ।
ଶୁଣିଣ ପୂଜାରୀ ଉଠିଣ ଧାଇଁଲା
ସ୍ନାହାନ କରିଣ ବେଗେ
ମନ୍ଦିରର ତାଲା ଖୋଲିଣ ଦେଖିଲା
ଉ◌ରୀର ପଛ ଭାଗେ ।
ଉ◌ରୀ ତଳରେ ଖିରି କୋହୁଆଟି
ଲୁଚା ହୋଇ ରହି ଅଛି
ବିସ୍ମୟେ ପୂଜାରୀ ଭାଳଇ ମନରେ
ପ୍ରଭୁ ରଖିଛନ୍ତି ବାଛି ।
ଧନ୍ୟ ତୁମେ ଭକ୍ତ ମାଧବେନ୍ଦ୍ର ପୁରୀ
ପ୍ରଭୁଙ୍କୁ ପାରିଲ ଧରି
ସଂସାର ଭିତରେ ଆଜି ଯାଏ କେହି
ନାହାନ୍ତି ଏମନ୍ତ କରି ।
କାଷ୍ଠ ରୁଦ୍ଧ କଣ୍ଠେ ଡ଼ାକଇ ପୂଜାରୀ
ଆହେ ମାଧବେନ୍ଦ୍ର ପୁରୀ
ନିଅ ତୁମ ପାଇଁ ପଠାଇ ଅଛନ୍ତି
ନିଜେ ଗୋପୀନାଥ ଖିରି ।
ସମସ୍ତ ଘଟଣା କହିଣ ପୂଜାରୀ
ହାତେଦେଲେ ତାଙ୍କ ଖିରି
ଶୁଣି ମାଧବେନ୍ଦ୍ର ବିକଳେ କାନ୍ଦଇ
ଏ କି କଲ ତୁମେ ହରି ।
ମୋହାର ପାଇଁକି ରଜାଗର ହୋଇ
ଜଲ ମୋର ପ୍ରଭୁ ସେବା
ସଂସାର ଭିତରେ କିଏ ଜଣେ ଅଛି
ମନ କଥା ଜାଣି ଦେବା ।
ଏହି ରାତିରେ ମୁଁ ପ୍ରସ୍ଥାନ କରିବି
ଲୋକେ ଜାଣିବା ଆଗରୁ
ଜାଣିଲେ ସମସ୍ତେ ସମ୍ମାନ କରିବେ
ଜୁହାର କରିବେ ଦୂରୁ ।
ତୁରନ୍ତ ସେଠାରୁ ମାଧବେନ୍ଦ୍ର ଶୀଘ୍ର
ପୁରୀକୁ ପଳାଇ ଗଲେ
ସେଇ ଦିନଠାରୁ ପ୍ରଭୁ ଗୋପୀନାଥ
କ୍ଷୀରଚୋରା ବୋଲାଇଲେ ।

ଭକ୍ତ ମାଧବେନ୍ଦ୍ର ପୁରୀରୁ ମଳୟ ଚନ୍ଦନ ଆଣି ରେମୁଣା ଦେଇ ଫେରିବା ବାଟରେ ଏଠାକାର ଭକ୍ତ ମାନେ ଏଠାରେ ରହିବା ପାଇଁ ଅନୁରୋଧ କଲେ । ସେ ଏଠାରେ ରହଣି ସମୟରେ ତାଙ୍କ ବୃନ୍ଦାବନର ଠାକୁର ଶ୍ରୀ ଗୋପାଳ ନିର୍ଦ୍ଦେଶ ଦେଲେ ଯେ ମୁଁ ଯିଏ ରେମୁଣାର ଗୋପୀନାଥ ସିଏ । ତୁମେ ଗୋପୀନାଥଙ୍କ ଶ୍ରୀଅଙ୍ଗରେ ମଳୟ ଚନ୍ଦନ ଲେପନ କରିଦେଲେ ମୁଁ ପାଇଯିବି ।




ସେହିଦିନଠାରୁ ଅକ୍ଷୟ ତୃତୀୟା ଓ ଚନ୍ଦନ ପୂର୍ଣ୍ଣମୀରେ ଗୋପୀନାଥଙ୍କ ସର୍ବାଙ୍ଗ ଚନ୍ଦନ ବେଶ ହୁଏ । ଏବଂ ଅକ୍ଷୟ ତୃତୀୟାଠାରୁ ୪୫ ଦିନଧରି ଭକ୍ତଶ୍ରେଷ୍ଠ ମାଧବେନ୍ଦ୍ର ପୁରୀ ଗୋସ୍ୱାମୀଙ୍କ ସ୍ମୃତି ଉଦେଶ୍ୟରେ ଚନ୍ଦନ ଲାଗି ହୁଏ । ତାଙ୍କୁ ଏହିଠାରେ ସ୍ଥଳ ସମାଧି ଦିଆଯାଇଛି ଓ ଏବେ ସେଠାରେ ତାଙ୍କର ସମାଧି ମନ୍ଦିର ମଧ୍ୟ ଅଛି ।ଭଗବାନ ଗୋପୀନାଥଙ୍କ ଡାହାଣରେ ମଦନମୋହନ ଓ ବାମରେ ଗୋବିନ୍ଦ ଅଛନ୍ତି । ମଦନମୋହନ ଓ ଗୋବିନ୍ଦଙ୍କୁ ଶ୍ରୀ ରସିକାନନ୍ଦ ପ୍ରଭୁ ୩୫୦ ବର୍ଷ ତଳେ ତାଙ୍କର ଶିଷ୍ୟ ତିହିଡି ସାମନ୍ତ ରାଜାଙ୍କଦ୍ୱାରା ପ୍ରତିଷ୍ଠା କରାଇଥିଲେ । ତା ପୂର୍ବରୁ କେବଳ ଶ୍ରୀ ଗୋପୀନାଥ ଥିଲେ । ଶ୍ରୀ ଗୋପୀନାଥ ସ୍ୱୟଂଭୂ ବିଗ୍ରହ ଅଟନ୍ତି, ଯାହାଙ୍କୁ ଲାଙ୍ଗୁଳା ନରସିଂହଦେବ ତୀର୍ଥଯାତ୍ରା ଯାଇଥିବା ସମୟରେ ସ୍ୱପ୍ନାଦେଶ ପାଇ ଚିତ୍ରକୁଟ ପର୍ବତରୁ ପୁରୀ ନେଇଯାଉଥିବା ବେଳେ ପୁଣି ସ୍ୱପ୍ନାଦେଶ ପାଇ ରେମୁଣାରେ ପ୍ରତିଷ୍ଠା କଲେ । କୁହାଯାଏ ଯେ ଏହି ଗୋପୀନାଥଙ୍କ ମୂର୍ତ୍ତିଙ୍କୁ ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଚନ୍ଦ୍ର ସିତା ଦେବୀଙ୍କ ଅନୁରୋଧରେ ନିଜ ଧନୁତୀରରେ ଚିତ୍ରକୁଟରେ ଗଢ଼ିଥିଲେ । ସିତା ଦେବୀଙ୍କ ସ୍ପର୍ଶରେ ଏହି ମୂର୍ତି ଜୀବନ୍ତ ହୋଇଯାଇଥିଲେ, ସେହିଦିନ ଠାରୁ ବ୍ରହ୍ମା ପୂଜା କରୁଥିଲେ । ଏହି ବିରାଟ ସ୍ୱୟଂଭୂ ମୂର୍ତିଙ୍କ ପାଦତଳେ ଚାରି ଶଖାଙ୍କ ସହିତ ଗୋଚାରଣ ଦୃଶ୍ୟ, ତାହାତଳେ ଅଷ୍ଟସଖୀ ସେବାରତ ଥିବାର ଦୃଶ୍ୟ ଅଛି । ତାଙ୍କ ମସ୍ତକରେ ଶେଷଦେବ ଅଛନ୍ତି, ତିନୋଟି ଜମ୍ବୁ ଫଳ ଅଛି, ମସ୍ତକର ଉପରି ଭାଗରେ ବାମ ଓ ଡାହାଣପାର୍ଶ୍ୱରେ ଚାଣୁର ଏବଂ ମୁଷ୍ଟିକ ସହିତ ଯୁଧ କରୁଥିବାର ଦୃଶ୍ୟ ଅଛି । ତାଙ୍କର ନଟବର ବେଶରେ ଛନ୍ଦା ଚରଣରେ ମୁରଲୀ ବଜାଉଥିବାର ମୂର୍ତିଙ୍କୁ ଯେକେହି ଦେଖିବ ସେ ତାର ନୟନ ସହଜରେ ଫେରାଇ ପାରିବ ନହିଁ ।ଏଠାରେ କ୍ଷୀର ଭୋଗ 'ଅମୃତ କେଳି' ନମରେ ବିଅଁଙ୍କ ପାଖରେ ଅର୍ପଣ କରାଯାଇଥାଏ । କ୍ଷୀର, ଚିନି, ଖୁଆ ଓ ଗୁଜୁରାତି ଅଳେଇଚରେ ଏହା ତିଆରି କରାଯାଏ । ଏଠାରେ ନିତି ଅନ୍ନ ପ୍ରସାଦ ମଧ୍ୟ ମିଳେ ।



# ରାଇବଣିଆ ଦୁର୍ଗ



ଏକଦା ରାଜ୍ୟକୁ ସୁରକ୍ଷା ଯୋଗାଉଥିବା ଓଡ଼ିଶାର  ଐତିହାସିକ ରାଇବଣିଆ ଦୁର୍ଗ ଏବେ ନିଜ ସୁରକ୍ଷା ପାଇଁ ନବୀକରଣ ଆବଶ୍ୟକ କରୁଛି । ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି  ଦୁର୍ଗର ଅବସ୍ଥା ସଙ୍କଟାପନ୍ନ ରହିଛି ।

ଆଜିର ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ ରାଇବଣିଆ ଦୁର୍ଗ ବର୍ତ୍ତମାନ ପୂର୍ବ ଭାରତର ମଧ୍ୟଯୁଗୀୟ ଦୁର୍ଗ ଭାବରେ ପରିଗଣିତ ହୋଇଛି  । ଏକ ସମୟ ଥିଲା ଯେତେବେଳେ ଏହି ଦୁର୍ଗ ସୁରକ୍ଷାଳୟ ଭାବରେ କାମ କରି ମୋଗଲ, ଆଫଗାନିସ୍ତାନ ଏବଂ ମରାଠାଙ୍କ ଆକ୍ରମଣରୁ ରାଜ୍ୟକୁ ସୁରକ୍ଷା ଯୋଗାଉଥିଲା  ।

ଦୁର୍ଗର ଉଭୟ ପୁରାଣ ଏବଂ ଐତିହାସିକ ଗୁରୁତ୍ୱ ରହିଛି  । ପଶ୍ଚିମବଙ୍ଗର ସୀମାରେ ରାଇବଣିଆ ଦୁର୍ଗରେ ଅବସ୍ଥିତ ପୂର୍ବ ଭାରତର ଶେଷ ସ୍ୱାଧୀନ ଦୁର୍ଗ ମଧ୍ୟରୁ ଅନ୍ୟତମ  । ଏହା ଅନେକ ଐତିହାସିକ ଘଟଣାର ସାକ୍ଷୀ  ।

କୁହାଯାଏ ଯେ ରାଇବଣିଆ ଦୁର୍ଗ ମହାଭାରତ ସମୟର ରାଜା ବିରାଟଙ୍କ ସ୍ଥାନ ଥିଲା । ପାଣ୍ଡବମାନେ ଦ୍ରୌପଦୀଙ୍କ ସହ ସେମାନଙ୍କର ଏକ ବର୍ଷର 'ଅଜ୍ଞାତବାସ୍' (ଛଦ୍ମବେଶରେ ବାସ କରିବା) ସମୟରେ ଏଠାରେ ସମୟ ଅତିବାହିତ କରିଥିଲେ  । ଏହା ମାଟିଆ ରାଜବଂଶର ଏକ ଅଂଶ ଥିଲା  । ଏହାର ଅର୍ଥ ଏହି ସ୍ଥାନ ରାଜା ବିରାଟଙ୍କ ଅଧୀନରେ ଥିଲା । ରାଇବଣିଆ ତାଙ୍କ ରାଜଧାନୀ ବୋଲି କୁହାଯାଉଥିଲା । ରାଜା ବିରାଟଙ୍କମୁଖ୍ୟ ଦେବତା ଥିଲେ କିଚକେଶ୍ୱରୀ । ତାଙ୍କୁ ଏହି ଦୁର୍ଗ ଭିତରେ ଏକ ମନ୍ଦିରରେ ପୂଜା କରାଯାଉଥିଲା ।

କିମ୍ବଦନ୍ତୀ ଅନୁଯାୟୀ ସେଠାରେ ଏକ ବିରାଟ ମାଳଭୂମି ଥିଲା ଯାହା ରାଇବଣିଆରୁ ମୟୂରଭଞ୍ଜର କପ୍ତିପଦା ପର୍ଯ୍ୟନ୍ତ ବ୍ୟାପିଥିଲା । ଦୀର୍ଘ ସମୟ ପରେ ଭଞ୍ଜ ରାଜବଂଶର ମୟୂରଭଞ୍ଜର ଜଣେ ରାଜା ଦେବତାଙ୍କୁ ଏଠାରୁ ଖିଚିଙ୍ଗକୁ ସ୍ଥାନାନ୍ତର କଲେ ଏବଂ ସେଠାରେ ତାଙ୍କୁ ପ୍ରତିଷ୍ଠା କଲେ । କୁହାଯାଏ, ଯେଉଁଠାରେ ଏବେ ମା ଗଡ଼ାଚଣ୍ଡୀଙ୍କୁ ପୂଜା କରାଯାଏ, ସେଠାରେ ଦେବୀ କିଚକେଶ୍ୱରୀଙ୍କ ମନ୍ଦିର ସେଠାରେ ଥିଲା ।

ରାଇବଣିଆ ଦୁର୍ଗ ବାଲେଶ୍ୱର ଜିଲ୍ଲା ହେଡ କ୍ୱାର୍ଟର ଠାରୁ ପ୍ରାୟ ୬୫ କିଲୋମିଟର ଦୂରରେ ଏବଂ ଜଳେଶ୍ୱର ଠାରୁ ୧୪ କିଲୋମିଟର ଦୂରରେ ଅବସ୍ଥିତ  । ଏହାର ନିର୍ମାଣ ସମୟ ବିଷୟରେ ମତଭେଦ ଅଛି  । ତଥାପି, ଅନେକ ଐତିହାସିକ ଉପନ୍ୟାସ ଏବଂ ପୁରାଣ କିମ୍ବଦନ୍ତୀ ଏହା ସହିତ ଜଡ଼ିତ  ।

ଏହି ଦୁର୍ଗର କ୍ଷେତ୍ର ଓଡିଶାର କଟକର ଐତିହାସିକ ବାରବାଟି ଦୁର୍ଗଠାରୁ ମଧ୍ୟ ବଡ଼ ଅଟେ । ରାଇବଣିଆ ଦୁର୍ଗକୁ ସୁବର୍ଣ୍ଣରେଖା ନଦୀ ଚାରିପଟେ ଘେରି ରହିଥିବାବେଳେ ଏହା କେବଳ ପଶ୍ଚିମ ପାର୍ଶ୍ୱରେ ଶୁଖିଲା ଜମି ସହିତ ସଂଯୁକ୍ତ ଥିଲା  । ପୁନଶ୍ଚ, ଏହି ପାର୍ଶ୍ୱ ଗଭୀର ଜଙ୍ଗଲରେ ପରିପୂର୍ଣ୍ଣ ଥିଲା  । ଏବଂ ତେଣୁ ବାହ୍ୟ ଆକ୍ରମଣ ବଦଳରେ ଏହା ଏକ ସୁରକ୍ଷିତ ସ୍ଥାନ ଥିଲା  । ଏହା ବ୍ୟତୀତ ଅନ୍ୟାନ୍ୟ ଦୁର୍ଗ ଏବଂ ଖାଲ ମଧ୍ୟ ଥିଲା ଯାହା ମଧ୍ୟ ଏହି ଦୁର୍ଗର ସୁରକ୍ଷାଳୟ ପରି ଥିଲା  । ରାଇବଣିଆ ଦୁର୍ଗ ଭିତରେ ଚାଲିଥିବା ସାମରିକ ପ୍ରସ୍ତୁତିକୁ ଶତ୍ରୁମାନେ ଅନୁମାନ କରିବା କଷ୍ଟସାଧ୍ୟ ଥିଲା ।

ପୌରାଣିକ କାହାଣୀ ଅନୁଯାୟୀ, ରାଇବଣିଆ ଦୁର୍ଗର ଲମ୍ବ ୪ କୋଶାନା କିମ୍ବା ୧୨ ବର୍ଗ ମାଇଲ ଥିଲା । ଏଠାରେ ପ୍ରାୟ ହଜାର ସୈନ୍ୟଙ୍କ ସହ ବହୁ ସଂଖ୍ୟକ ଯୁଦ୍ଧ ଘୋଡା ଏବଂ ହାତୀ ରହିଥିଲେ । ଗଦାଖାଇ ନାମକ ଏକ ଗଭୀର ଜଳ ଶରୀର ମଧ୍ୟ ଦୁର୍ଗକୁ ଘେରି ରହିଥିଲା ।

## ଇତିହାସରେ ରାଇବଣିଆ ଦୁର୍ଗ :

ଇତିହାସ ଅନୁଯାୟୀ ରାଇବଣିଆ ଦୁର୍ଗ ୧୨୩୮ ରୁ ୧୨୬୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅଶ୍ୱାରୋହୀ ଏବଂ ହାତୀମାନଙ୍କୁ ତାଲିମ ଦେବା ପାଇଁ ଏକ କେନ୍ଦ୍ର ଥିଲା । ଏହି ଦୁର୍ଗ ପୂର୍ବ ଉତ୍କଳ ରାଜ୍ୟକୁ ସୁରକ୍ଷା ଯୋଗାଉଥିଲା ।

କୁତୁବୁଦ୍ଦିନ୍ ଆଇବାକ୍ ଉତ୍କଳ ଉପରେ ଆକ୍ରମଣ ସମୟରେ ଏହି ଦୁର୍ଗ ସୁରକ୍ଷା ଯୋଗାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । କୁହାଯାଏ ଯେ ୧୧୯୧ ମସିହାରେ ରାଜା ଅନଙ୍ଗ ଭୀମ ଦେବଙ୍କ ଶାସନ କାଳରେ ଗଜନୀର ମହମ୍ମଦ ଘୋରୀ ଭାରତ ଉପରେ ଆକ୍ରମଣ କରିଥିଲେ । ସେ ଦିଲ୍ଲୀ ଏବଂ ଅଜମେରରେ ପ୍ରୀଥିରାଜ ଚ ବ ହାନଙ୍କୁ ପରାସ୍ତ କରିବା ପରେ ସେ ଦିଲ୍ଲୀର ସିଂହାସନ ଗ୍ରହଣ କରିଥିଲେ । ତା'ପରେ ସେ ନିଜ ସ୍ଥାନକୁ ଫେରିଗଲେ । ତେବେ ସେ ଏହି ସ୍ଥାନକୁ ତାଙ୍କ ଜେନେରାଲ କୁତୁବୁଦ୍ଦିନ୍ ଆଇବାକ୍‌ଙ୍କୁ ଶାସନ କରିବାକୁ ଦାଇତ୍ୱ ଦେଇଥିଲେ । ଗୋଟିଏ ବର୍ଷ ପରେ କୁତୁବୁଦ୍ଦିନ୍ ଓଡିଶା ଉପରେ ଆକ୍ରମଣ କରିଥିଲା । ତେବେ, ରାଇବଣିଆ ଦୁର୍ଗ ସୁରକ୍ଷା ସରକ୍ଷୟ ।ଳ ଭାବରେ କାମ କରୁଥିବାରୁ ସେ ପରାସ୍ତ ହୋଇଥିଲେ ।

ପରେ ଲାଙ୍ଗୁଲା ନରସିଂହ ଦେବଙ୍କ ଶାସନ କାଳରେ ଏହି ଦୁର୍ଗ ଅଷ୍ଟାଦଶ ଶତାବ୍ଦୀରେ ନୂତନ ଭାବେ ନିର୍ମାଣ କରିଥିଲେ । ନିକଟରେ ଆଉ ୧୮ ଟି ଛୋଟ ଦୁର୍ଗ ମଧ୍ୟ ନିର୍ମାଣ କରାଯାଇଥିଲା । ଭାଇମାନଙ୍କୁ ଏହି ଦୁର୍ଗର ଦାଇତ୍ୱ ଦିଆଗଲା ଏବଂ ସେମାନେ ଏହି ଦୁର୍ଗକୁ ସୁରକ୍ଷା ପ୍ରଦାନ କଲେ । ଦାବି କରାଯାଇଛି ଯେ ସେଠାରେ ଗୁପ୍ତ ସୁଡଙ୍ଗ ଥିଲା ଯାହା ମାଧ୍ୟମରେ ସୈନିକ ମାନେ ଶତ୍ରୁମାନଙ୍କ ସହିତ ଲଢିବା ପାଇଁ ବାହାରକୁ ଆସୁଥିଲେ । ଦୁର୍ଗର ଚାରିପାଖରେ ୭ ଟି ଖାଲ (ଓଡିଆରେ ଗଡଖାଇ କୁହାଯାଏ) ଥିଲା ।



## ଆଜିର ଦିନର ଅବସ୍ଥା:

ବର୍ତ୍ତମାନ, ଆମେ ରାଇବାନିଆ ଦୁର୍ଗର ପ୍ରାୟ ୧୦ ମାଇଲ ଦୂରରେ ବିସ୍ତୃତ ବହୁ ପୁରାତନ ପ୍ରତିମୂର୍ତ୍ତିର ଅବଶିଷ୍ଟାଂଶ ଏବଂ ଅନ୍ୟାନ୍ୟ ନିର୍ମାଣର ସାକ୍ଷୀ ରହିପାରିବା । ଦୁର୍ଗର ନବୀକରଣ ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି । ଦୀର୍ଘ ଦିନର ଚାହିଦା ପରେ ଏହି ସ୍ଥାନଟି ପର୍ଯ୍ୟଟନ ସ୍ଥାନ ଭାବରେ ସ୍ୱୀକୃତି ପାଇଛି କିନ୍ତୁ ସୁବିଧା ଏବଂ ଯୋଗାଯୋଗ ଏପର୍ଯ୍ୟନ୍ତ ବିକାଶ ହୋଇପାରି ନାହିଁ । ଭିତ୍ତିଭୂମିରେ ଅଧିକ ବିକାଶ ହୋଇନାହିଁ । ଦୁର୍ଗ ନିକଟରେ ଥିବା ୧୩୦ ବର୍ଷ ପୁରୁଣା ପ୍ରଭୁ ଜଗନ୍ନାଥ ମନ୍ଦିର ମଧ୍ୟ ବର୍ତ୍ତମାନ ଅବସ୍ଥା ସଙ୍କଟାପନ୍ନ ରହିଛି ।

ଅନୁସନ୍ଧାନକାରୀମାନେ ମତ ଦେଇଛନ୍ତି ଯେ ଏହି ଐତିହାସିକ ଦୁର୍ଗର ସଂରକ୍ଷଣ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ଆଗକୁ ଆସିବା ଉଚିତ ଯାହା ଦ୍ୱାରା ଏହା ପୃଥିବୀର ବିଭିନ୍ନ ସ୍ଥାନରୁ ଏହି ପ୍ରାଚୀନ ଐତିହ ସ୍ଥଳକୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ । ପର୍ଯ୍ୟଟନ ସ୍ଥାନ ଭାବରେ ଏହାର ସଂରକ୍ଷଣ, ରକ୍ଷଣାବେକ୍ଷଣ ଏବଂ ବିକାଶ ପାଇଁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

# ବିନ୍ଦି



ସୁଧାଂଶୁ ଶେଖର ବେହେରା
ପୋପରଡ଼ା, କଟକ

ଜଣେ ସ୍ତ୍ରୀ ଯେତେବେଳେ ସଜ ହେଉଥାଏ ସବୁଠାରୁ ବେଶୀ ଧ୍ୟାନ ସେ ନିଜ ବିନ୍ଦି ଲଗାଇବାରେ ଦେଇଥାଏ . ଆଇନା କୁ ଗୋଟେ ଥର ଅନେଇ ଦେଇ ସେ ଜାଣି ପାରେ ଯେ ମଥାର ମଝିରେ କେଉଁଠି ବିନ୍ଦି ସବୁଠୁ ବେଶି ସୁନ୍ଦର ଦିଶିବ ।

କିନ୍ତୁ ରାତିରେ ସେହି ସ୍ତ୍ରୀ ସେଇ ବିନ୍ଦି କୁ ଆଇନା ଉପରେ ଲଗେଇଦିଏ ଅବା ଖଟର କେଉଁ ଏକ କୋଣରେ , ଯଦି କେଉଁଠି ବି ଲଗେଇନପାରେ ତେବେ ସେଇ ବିନ୍ଦି ତକିଆ ରେ ଆପେ ଆପେ ଲାଗିଯାଏ , ଆଉ ତକିଆ ରେ ଯଦି ନ ଲାଗିଲା ତେବେ ଗାଧୁଆ ଘରର ପାଣିରେ ଭାସି ଯାଏ । ଏହା ତ କେବଳ ଏକ ବିନ୍ଦି ନା , ଯିଏ ସବୁଦିନ ସକାଳେ ନୂଆ ହେଇ ଏକ ପରିଚିତ ମଥାରେ ଲାଗିଯାଏ । ବିନ୍ଦି କେବଳ ଏକ ଲାଲ ଟିକା ନୁହେଁ , ଏହାର ଆଉ କିଛି ବିଶେଷତ୍ୱ ଅଛି ନିଶ୍ଚିନ୍ତ ।



ସେଇଥିପାଇଁ ତ ଗୋଟେ ସ୍ତ୍ରୀ ର ବିନ୍ଦି ପ୍ରତି ମୋହ କେବେବି କମେ ନାହିଁ । ବୁଝିହୁଏନା ସ୍ତ୍ରୀ କୁ ବିନ୍ଦି ପ୍ରତି ଏତେ ପ୍ରେମ କାହିଁକି , ଯାହାକୁ ପ୍ରତିଦିନ ସକାଳେ ବଦଳେଇ ଦିଆଯାଏ । ପ୍ରକୃତରେ ସ୍ତ୍ରୀ ର ଏହି ପ୍ରେମ ତା ସ୍ୱାମୀ ପ୍ରତି , ତା ମାନ ଏବଂ ସମ୍ମାନ ପ୍ରତି । ପ୍ରକୃତରେ ବିନ୍ଦି ତ କେବଳ ଏକ ବାହାନା ଅଟେ କାରଣ ଭାରତୀୟ ସ୍ତ୍ରୀ ଖୋଲିକରି ନିଜର ଭଲପାଇବା କୁ ଦେଖେଇପାରେନି , କିନ୍ତୁ ସେ ଜଣେଇ ଦେବାକୁ ଚାହେଁ ଯେ ପ୍ରତିଦିନ ବଦଳି ଯାଉଥିବା ବିନ୍ଦି ପ୍ରତି ଯଦି ମୋର ଏତେ ଧ୍ୟାନ ତେବେ ପ୍ରିୟତମ ତୁମେ ତ ମୋର ଅର୍ଦ୍ଧାଙ୍ଗ ଅଟ ...

# ପାନ



ସାରା ଭାରତବର୍ଷରେ କିଏ କେତେ ନାମରେ ଡାକେ । ଓଡ଼ିଆ, ହିନ୍ଦୀ, ବଙ୍ଗଳା, ଗୁଜରାଟୀ, ପଞ୍ଜାବୀରେ ପାନ କୁହାଯାଏ । ତେଲଗୁରେ ତମାଳପାକୁ, ତାମିଲରେ ଭେଟିଲଇ, ମାଲୟ-ଲାମରେ ଭେଟିଲା କୋଡି, କନ୍ନଡ଼ରେ ଭିଲାୟା ଏଦେ, ମରାଠୀରେ ନାଗବଲ୍ଲୀ । ପାନର ଅନେକ ଶ୍ରୁତି ମଧୁର ନାମଗୁଡ଼ିକ ମଧ୍ୟରେ ତାମ୍ବୁଳ, ପୂର୍ଣ୍ଣତାମ୍ବୁଳ, ଭୁଜ୍ୟଲତା, ସପ୍ତଲତା, ନାଗବଲ୍ଲୀ ଅନ୍ୟତମ ।

ପାନର ବଂଶ ପରମ୍ପରା ଅନୁଯାୟୀ ପାନର ଉଦ୍ଭିଦିକ ନାମ ଚଦସ୍ତ୍ରରକ୍ସ ଛରଗ୍ଧକ୍ଷର, କ୍ଳୁଟ୍ନ ବା ଗବଙ୍କସକ୍ଷଚ ଚସକ୍ତ୍ରଗକ୍ସବମରବର, ଗୋତ୍ର ବା ଏରଭରଷ୍ଟ ଚସକ୍ତରକ୍ସ ଏବଂ ଜାତି ବା ଝକ୍ତରମସରଷ୍ଟ ଚସକ୍ତରକ୍ସ ଛରଗ୍ଧକ୍ଷର ।

ଗ୍ରୀକ୍ ଐତିହାସିକ ହେରୋଡଟସଙ୍କ ମତରେ ଖ୍ରୀଷ୍ଟପୂର୍ବ ୩୪୦ ରେ ଦକ୍ଷିଣ ଏସୀୟ ଦେଶ ମାଳୟରେ ହିଁ ପାନର ଜନ୍ମ ହୋଇଥିଲା । ତେବେ ମହାଭାରତ ସମୟରୁ ଆନୁମାନିକ ୮୦୦ - ୩୫୦ ଅବ୍ଦରୁ ପାନ ମୁଖବାସ ରୂପେ ବ୍ୟବହାର ହେଉଥିବା ବିଷୟରେ କେହି କହି ମତ ସାବ୍ୟସ୍ତ କରିଥା'ନ୍ତି । ମହାଭାରତ ସମୟର ବିରାଟ ରାଜବାଟୀର ଭଗ୍ନାବଶେଷ ଆଜି ୯ବାଲେଶ୍ୱର ଜିଲ୍ଲାର ୯ରାଜବଣିଆ ଠାରେ ମୂକସାକ୍ଷୀ ରୂପେ ଦଣ୍ଡାୟମାନ ।

ଆମ ରାଜ୍ୟରେ ପାନଚାଷର ପରମ୍ପରା ଅତି ପ୍ରାଚୀନ । ଏହା ମହୋଦଧି ଉପକୂଳର ଅବିଭକ୍ତ ବାଲେଶ୍ୱର, କଟକ, ଗଞ୍ଜାମ ଓ ପୁରୀ ଚାରୋଟି ଜିଲ୍ଲାରେ ପ୍ରାୟ ୨୦/୨୫କି.ମି. ଅଭ୍ୟନ୍ତର ସ୍ଥଳଭାଗରେ ପ୍ରାୟ ୧୫୦୦୦ ହେକ୍ଟର ଜମିରେ ପାନଚାଷ କରାଯାଉଥିବା କଥା ଅବଶ୍ୟ ଏବେ ଇତିହାସ ।

ମହୋଦଧି ପ୍ରଭାବିତ ଉପକୂଳବ□ୀ ଜଳବାୟୁ ପାନଚାଷ ପାଇଁ ପୃଥିବୀର ଅନ୍ୟ ଯେ କୌଣସି ଅଂଳର ଜଳବାୟୁ ଠାରୁ ଉତ୍କୃଷ୍ଟ । ଅନ୍ୟ ଅଂଳର ପାନବରଜର ଆୟୁ ୨ - ୩ ବର୍ଷରୁ ଆରମ୍ଭ କରି ୫ - ୧୦ ବର୍ଷ ହୋଇଥିବା ବେଳେ ଆମ ରାଜ୍ୟରେ ପାନବରଜର ହାରାହାରି ପରମାୟୁ ୨୦ - ୩୦ ବର୍ଷ ଏବଂ ସ୍ଥଳବିଶେଷରେ ୪୦ - ୪୫ ବର୍ଷ ହୋଇଥାଏ । ପୁରୁଣା ପାନବରଜର କେବଳ ଦୁଇଟି ପରିଚାଳନାଗତ ମୌଳିକ ସମସ୍ୟା ଦେଖାଯାଇଥାଏ, ଲତାଖସାଇବା ପରେ ମାଟି ବାନ୍ଧିବା, ପାଣି ମଡାଇବା ଓ ଉଚକୁ ମାଡିଯିବା କାରଣରୁ ବାଆବତାସରେ ସାମୟିକ କ୍ଷତି ହେବାର ସମ୍ଭାବନା । ଅନ୍ୟ ପକ୍ଷରେ ସ୍ୱଚ୍ଛଳ ସୂର୍ଯ୍ୟାଲୋକ, ସର୍ବଦା ନିଗିଡା ଓ ଆର୍ଦ୍ରାନୁକୁଳ ପରିବେଶ ୯ବରଜ ଯେତେ ପୁରୁଣା ହେଲେ ମଧ୍ୟ ଗୁଣାତ୍ମକ ପାନ ଅଭିବୃଦ୍ଧି ଓ ଉତ୍ପାଦନରେ ସହାୟକ ହୁଏ ।

ସାଧାରଣତଃ ଦୁଇପ୍ରକାରର ପାନ ବିକ୍ରୀ ହୁଏ ଆମ ରାଜ୍ୟରେ । ବଂ। ଓ ପାଚିଲା ! କଂ। ପାନର ରଙ୍ଗ ସବୁଜ ଏବଂ ପାଚିଲା ପାନର ରଙ୍ଗ ହଳଦିଆ ହୁଏ । ତେବେ ଓଡ଼ିଶାରେ ପାଚିଲା ପାନର ବିଶେଷ ଚାହିଦା ନଥିବା ସ୍ଥଳେ ବାଲିଆପାଳ ଓ ଭୋଗରାଇ ଅଂଳରୁ ଏ ପାନ ବାହାର ରାଜ୍ୟରେ ଚଢ଼ାଦରରେ ବିକ୍ରୟ ହେଉଥିଲା ।

ଆମ ରାଜ୍ୟରେ ପାନର ବିଶେଷତ୍ୱ ଭିନ୍ନ ଭିନ୍ନ । ଆମର ଚାଷ ହେଉଥିବା ପାନକୁ ମୁଖ୍ୟତଃ ସ୍ଥାନ(ଛାଚି ବା ସାରୁଆ) ଓ ମେଳକ ପରି ଦୁଇ ଭାଗରେ ବିଭକ୍ତ କରାଯାଏ ।

ପ୍ରାକୃତିକ ପରିବେଶରେ ଗଛ ଛାଇରେ ମୁଖ୍ୟତଃ ଜୀବନ୍ତ ଅଗସ୍ତି ଗଛରେ ଲଟେଇ ମାଡୁଥିବା ଛାଚି ପାନ ଅତ୍ୟନ୍ତ ସ୍ୱାଦଯୁକ୍ତ ହୋଇ ଥିଲେ ହେଁ ଅମଳ କମ୍ ହୁଏ । ଗଞ୍ଜାମ ଜିଲ୍ଲାର ଶିକିରି, ବୁରୁପୁଡା, ଗୋଳନ୍ଥରା, ଚିକିଟି ଆଦି ସ୍ଥାନରେ ଏଇ ଛାଚି ପାନ ଚାଷ ହୋଇଥାଏ । ଆମ ରାଜ୍ୟର ପ୍ରାଚୀନ ନଗର ଜୟପୁର ଧାନର ଉତ୍‌ପ◌ିସ୍ଥଳ ପରି ବ୍ରହ୍ମପୁର ନିକଟସ୍ଥ ହିଞ୍ଜିଳିକାଟୁ ପାନର ଉତ୍‌ପ◌ିସ୍ଥଳ ବୋଲି ଉଦ୍ଭିଦବିଜ୍ଞାନୀ, ଐତିହାସିକ ତଥା ସଂସ୍କୃତି ଗବେଷକମାନଙ୍କ ମତ ।

ତେବେ ରାଜ୍ୟର ବହୁଳାଂଶରେ ବହୁ ପରିମାଣରେ ଚାଷ ହେଉଥିବା ମେଳକ ପାନ ମଧ ତିନି ପ୍ରକାରର, ନାଉଆ, ଆଳୁପତ୍ରିଆ ଓ ରାଣିମେଳକ । ରଙ୍ଗ, ଆକାର, ସ୍ୱାଦ, ମହକ ଓ ରହିବାଗୁଣ ପାଇଁ ସର୍ବାଧିକ ଆଦରଣୀୟ ରାଣିମେଳକ ପାନକୁ ଅବିଭକ୍ତ କଟକ ଜିଲ୍ଲାର ପାଗା, ମଧୁବନ, ସଙ୍ଗାପୁର ଅଂଚଳରେ ରାଣିପାନ କୁହାଯାଏ, ଭୋଗରାଇ ଅଂଚଳର ବିରିକୋଳି, ମାଟିଆଳି, ବାଲିଆପାଳ ଇତ୍ୟାଦି ଅଂଚଳରେ ଏ ପାନ ବାଲିପାନ ଭାବେ ଖ୍ୟାତ । ଚନ୍ଦନପୁର ଅଂଚଳରେ ହେଉଥିବା ନାଉଆ ଏବଂ ଆଳୁପତ୍ରିଆ ପାନ ସାମାନ୍ୟ ବଡ଼ ଆକାରର, ଗାଢ଼ ସବୁଜ ରଙ୍ଗ, ଲମ୍ବ ଡେମ୍ଫଯୁକ୍ତ, ସାମାନ୍ୟ ରାଗୁଆ ସ୍ୱାଦ ଏବଂ ରୋଗସହିବା କ୍ଷମତା କମ୍ ହୋଇଥିଲେ ମଧ ରସୁଆଳ ଏବଂ ଚୋବାଇଲା ପରେ ଦାନ୍ତରେ ଲାଗିରହେ ଏଇ ପାନ ।

ଏମିତି ଲତାଟିଏ ଯେଉଁ ଥିରେ ନା ଫୁଲ ଫୁଟେ ନା ଫଳ ଧରେ, ଖାଲି ଡାଳି ଓ ପତ୍ର । ପାନଗଛ ଓ 'ବରଜ'କୁ ଲୋକେ ଦେବୀକାଳୀ ରୂପେ ପୂଜା କରନ୍ତି । ସେଥିପାଇଁ ପାନବରଜକୁ ପାନତୋଳିବାକୁ ଯିବାବେଳେ କେତେଗୁଡ଼ିଏ ସତର୍କତା ଅବଲମ୍ବନ କରିବାକୁ ହୁଏ । ଦାନ୍ତ ଘଷୁଥିବା ସମୟରେ, ଶୌଚ ନ ହୋଇ, ମଇଳା ଲୁଗା ପିନ୍ଧି, ଜୋତାଚପଲ ପିନ୍ଧି ବରଜ ଭିତରକୁ ପ୍ରବେଶ କଲେ କିମ୍ବା ପାନପତ୍ର ତୋଳିଲେ ପାନଗଛ ମରିଯାଏ ବୋଲି ଲୋକମୁଖରେ ପରିଚିତ । ତେଣୁ ପାନପତ୍ର ଅତି ସାବଧାନତା ଓ ଯତ୍ନର ସହ ତୋଳାଯାଇଥାଏ । ପୁରୁଷାନୁକ୍ରମେ ପାନଚାଷ କରୁଥିବା ଲୋକଙ୍କ ସହିତ 'ପାନରା' ଶବ୍ଦଟି ଲାଗିରହିଥାଏ, ଯେପରି କି, ‘ପାନରା ବ୍ରାହ୍ମଣ, ପାନରା ଖଣ୍ଡାୟତ, ପାନରା ତେଲି, ପାନରା ଧୋବା ଇତ୍ୟାଦି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଅଂଚଳ ଭି□ରେ ପାନର ଗୁଣାତ୍ମକ ମାନ ତଥା ବୈଶିଷ୍ଟ୍ୟ ସମୃଦ୍ଧ ଅଂଚଳର ସଂସ୍କୃତି, ପରମ୍ପରା ଓ ଅର୍ଥନୀତିକୁ କରିପାରିଛି ବହୁଳ ଭାବରେ ପ୍ରଭାବିତ ! ପାନ କଥା ପଡ଼ିଲେ ପାନୁଆଙ୍କ କଥା ନିହାତି ପଡ଼ିବ । ପାନ ପରା ଆମ ଓଡ଼ିଆମିର ପ୍ରତୀକ ! ଓଡ଼ିଆର ଗଉରବ ! ଆଉ ଆମକୁ ଓଡ଼ିଆମି ଶିଖାଇଥିବା ମଣିଷଟି କି ବାଦ ପଡିଥାନ୍ତା ପାନର ପ୍ରଭାବରୁ !

ଆମ ଗୁରୁଦେବ ବ୍ୟାସକବି ଥିଲେ ଜଣେ ପୋଖତ ପାନୁଆ ! ପଣ୍ଡିତ ଗୋଦାବରୀଶ ପରା ଲେଖିଯାଇଛନ୍ତି, ପାନ ନ ଥିଲେ କି ଆମେ ଫକୀରମୋହନଙ୍କୁ ପାଇଥାନ୍ତେ ! ଠିକ କଥା । ସେନାପତିଏ ଶୋଇଲା ବେଳକୁ ତାଙ୍କ ବୋଲକରାଟି ପାନ କେଇଖଣ୍ଡି ଭାଙ୍ଗି ସାଇତିକି ରଖିଦିଏ ବିଛଣା ପାଖରେ । ଖଟ ପାଖରେ ଗୋଟିଏ ବଡ଼ ଟେବୁଲ ଉପରେ ଲଣ୍ଠନ, ବହିପତ୍ର, ଖାତାକାଗଜ, ଦୁଆତ-କଲମ ସହିତ ଭଙ୍ଗାପାନ କେତୋଟି ସାଇତି ରଖାଯାଇଥାଏ । ରାତିରେ ଯଦି ନିଦ ଭାଙ୍ଗେ ଏବଂ ମନକୁ କିଛି ଭାବଧାରା ଜୁଟେ, ସାହିତ୍ୟପିତା ଆମର ଉଠି ଆଗ ଲଣ୍ଠନ ତେଜି ପାନ ଖଣ୍ଡେ କଳରେ ଜାକିବେ, ତା' ପରେ କଲମଖାତା ଧରିବେ !



ସେନାପତିଙ୍କ ପାନଖିଆ ଅଭ୍ୟାସ ପାଇଁ ସାହିତ୍ୟିକ ତଥା ଶିକ୍ଷାବିତ ଚନ୍ଦ୍ରମୋହନ ମହାରଣା ସ୍ୱଭାବସୁଲଭ ଭଙ୍ଗୀରେ ଥରେ କହିଥିଲେ ତାଙ୍କୁ, ପାନଲତାଟିଏ ଲଗାଇବା ପାଇଁ ! ପାନ ଭ□ ପାଟିରେ ଠୋ ଠୋ ହସି ଉଠିଥିଲେ ସେନାପତିଏ ।

କେଉଁଠି ବ୍ୟବସାୟକୁ ନେଇ, ଅବା କେଉଁଠି ପାନରସିକଙ୍କ ପାଇଁ ଅବା କେଉଁଠି ଦିଅଁଙ୍କ ନୀତି ସହ ଯୋଡ଼ି ହୋଇ ପାନର ମହନୀୟତା ପ୍ରସ୍ଫୁଟିତ ହୋଇଥିଲା; କେଉଁଠି ପାନ ବ୍ୟବସାୟୀମାନେ ଯାବତୀୟ ଠକଙ୍କର ଲୟସମ୍ପସତ୍ତ୍ୱ କରିବା ସହିତ ନିଜ ନିଜର ବଜାର ଅଂଶ ବଢାଇ ପାରିବାର ସୁଯୋଗ ପାଇଥିଲେ, ମାତ୍ର ବ୍ୟାସଭୂମି ବାଲେଶ୍ୱର ଜିଲ୍ଲାର ପାନଚାଷୀ ଲଢିଚାଲିଥିଲେ ସଂଗ୍ରାମ, ନିଜ ପାନବରଜ ସୁରକ୍ଷା ପାଇଁ, ପାନ ଓ ବରଜକୁ ନେଇ ଯେଉଁ ଆବେଗରେ ବାନ୍ଧି ହୋଇଯାଉଥିଲେ, ସେଇ ଆବେଗଟିକକୁ ଆବୋରି ଧରି କେତେ ସଂଘର୍ଷ କରିନାହାଁନ୍ତି ସେମାନେ ! ନିଶ୍ଚିତ ଭାବେ, ବାଲିଆପାଳର ଲାଲମାଟିରେ ପାନର ଥିଲା ଏକ ମହାର୍ଘ ଇତିହାସ ! ସେ ଇତିହାସ ଲେଖା ଯାଉଥିଲା ହଜାର ହଜାର ପାନଚାଷୀଙ୍କ ଲୁହ ଆଉ ଲହୁରେ !

ବିଗତ ଶତାବ୍ଦୀରେ ଅବିଭକ୍ତ କଟକ, ଗଞ୍ଜାମ ଓ ପୁରୀ ଜିଲ୍ଲା ବ୍ୟତୀତ ଓଡ଼ିଶାର ପ୍ରାୟ ସମସ୍ତ ଅଂଚଳ ସମେତ ମଧ୍ୟପ୍ରଦେଶ, ମହାରାଷ୍ଟ୍ରର କେତେକାଂଶରେ ପାନୁଆଙ୍କ ଚାହିଦା ମେ□ଇ ପାରୁଥିବା ବାଲିଆପାଳର ବିଦ୍ରୋହୀ ମାଟିରେ ସୁବିସ୍ତୃତ ପାନଚାଷ ପାଇଁ ଚାଷୀମାନେ ସହିଛନ୍ତି ଅସହ୍ୟ ଯାତନା, ମାନସିକ ନିର୍ଯ୍ୟାତନା, ପ୍ରତାରଣା, ଅର୍ଥହାନି ! ପାନଚାଷୀର ଆତ୍ମ ବଳିଦାନରେ ବାଲିଆପାଳ ପାନ ସତେ ଯେପରି ହୋଇପାରିଥିଲା ରସସିକ୍ତ, ସ୍ୱାଦିଷ୍ଟ !

ବାଲିଆପାଳ ସିମୁଳିଆ ହାଟଠାରୁ ୧୦/୧୨ କି.ମି. ଦକ୍ଷିଣ ପୂର୍ବରେ ସମୁଦ୍ର ତଟବର୍ତ୍ତୀ ଏକ ପ୍ରଖ୍ୟାତ ପଲ୍ଲୀ ଚଉମୁଖ । ଚଉମୁଖ ଗ୍ରାମ ସମେତ ଡଗରା, ଜାମତକୁଲା, ଆମଟୁଆ, ନୁଗଡିହା, ବେତଗାଡିଆ, ରତାଇ, ଅଳାଡିହା, ନୁଆଗାଁ, କସ୍ତିରାଇ, ନାରଣପୁରା, ନାରାୟଣପୁର, ଡାନ୍ତା ପରି ଅନେକ ଗ୍ରାମ ତଥା ଚନ୍ଦନେଶ୍ୱର, ଭୋଗରାଇ, ଲଙ୍ଗଳେଶ୍ୱର ପରି ଅଞ୍ଚଳ ଗୁଡ଼ିକରେ ସୁସଂଗଠିତ ପାନଚାଷ ପ୍ରତି ଶ୍ୟେନଦୃଷ୍ଟି ପକାଇଥିଲେ ବ୍ରିଟିଶ ସରକାର ! ହଜାର ହଜାର ପାନଚାଷୀଙ୍କ ଭାବପ୍ରବଣତାକୁ ଆଘାତ ଦେବା ସହ ସେମାନଙ୍କର ଆର୍ଥିକ ସ୍ଥିତିକୁ ଦୋହଲାଇବାକୁ ଚେଷ୍ଟା କରିଛି ତତ୍କାଳୀନ ସରକାର ! କେବେ ଟିକସର ବୋଝ କଷି ତ କେବେ 'ଡିଭାଇଡ୍ ଏଣ୍ଡ୍ ରୁଲ୍' ନୀତିରେ ବିଭେଦ ସୃଷ୍ଟି କରାଇ, କେବେ ଅବା ପୁଲିସ୍ ବାହିନୀ ଦ୍ୱାରା ପାନବରଜକୁ ଧ୍ୱଂସ କରି ! ମା'କାଳୀ ରୂପେ ପୂଜା କରୁଥିବା ପାନବରଜ ଭିତରେ ଖ୍ରୀଷ୍ଟାନ ପୁଲିସ ବାହିନୀର ପ୍ରବେଶରେ ବାରମ୍ବାର ମାନସିକ ଆଘାତ ପାଇଛନ୍ତି ବାଲିଆପାଳର ପାନଚାଷୀ ! ହେଲେ ଭାଙ୍ଗି ପଡି ନାହାଁନ୍ତି !

ବ୍ରିଟିଶ ବାହିନୀର ଦର୍ପକୁ ଚୂରମାର୍ କରି ବାଲିଆପାଳର ଚାଷୀଗଣ ବାରମ୍ବାର ଗଢ଼ି ତୋଳିଛନ୍ତି ସେମାନଙ୍କ ପ୍ରାଣପ୍ରିୟ ପାନବରଜକୁ ! ସଳଖି ନେଇଛନ୍ତି ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ! ଲତାଖଣ୍ଡିକ ପାଇଁ ଯେଉଁ ଜାତି ଏତେ ଭାବପ୍ରବଣ ତା' ପାଖରେ ହାରମାନିଛି ବ୍ରିଟିଶ ସରକାରର ଦମ୍ଭିଳାପଣ !

ବାଲିଆପାଳର ବିଦ୍ରୋହୀମାଟିର ପାନଚାଷୀଙ୍କ ସଂଗ୍ରାମର ବାର୍ତ୍ତା କିନ୍ତୁ ହଜିଯାଇଛି ସମୟ ସ୍ରୋତରେ ! ନିଜର ଅଧିକାର ପାଇଁ, ମା' ପାଇଁ ଲଢ଼ି ଲଢ଼ି ଜୀବନକୁ ବାଜି ଲଗାଇ ସେଇ ସଂସ୍କୃତିର ମହାଦ୍ରୁମଟିକୁ ବଞ୍ଚାଇ ରଖିବା ନିମନ୍ତେ ବାଲିଆପାଳର ପାନଚାଷୀମାନଙ୍କର ତ୍ୟାଗପୂତ କାହାଣୀ ନା ଆକର୍ଷି ପାରିଛି ଏ ମାଟିର ସଂସ୍କୃତି ଗବେଷକଙ୍କୁ ଅବା ଐତିହାସିକମାନଙ୍କୁ !



ସ୍ୱାଧୀନ ଭାରତର ସରକାର ପାଇଁ ମଧ୍ୟ କମ୍ କଷ୍ଟ ସହିନାହାଁନ୍ତି ବାଲିଆପାଳର ପାନଚାଷୀ ! କ୍ଷେପଣାସ୍ତ୍ର ଘାଟୀର ସ୍ଥାପନା କାଳରେ ପରିବେଶପ୍ରେମୀ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ଅବା ରାଜନେତାଙ୍କର ଭାଷଣବାଜିରେ ଚଞ୍ଚଳ ହୋଇ ଉଠିଥିଲା ବାଲିଆପାଳ ! କ୍ଷେପଣାସ୍ତ୍ର ବିରୋଧୀ ଆନ୍ଦୋଳନରେ ଲାଭବାନ ହୋଇଥିଲେ ସଭିଏଁ ! ହେଲେ ପାନଚାଷୀଙ୍କ ଦୁଃଖ ଅବା କିଏ ଦେଖି ପାରିଥିଲା ? କ୍ଷେପଣାସ୍ତ୍ର ପରୀକ୍ଷଣ ପରେ ପରେ ମାଟି ଓ ପାଣି ପ୍ରଭାବିତ ହେବା କାରଣରୁ ପାନଚାଷ ହୋଇ ଚାଲିଲା ବହୁଳ ଭାବେ କ୍ଷତିଗ୍ରସ୍ତ !

ବାଲିଆପାଳର ପ୍ରଦୂଷିତ ମାଟିରେ ପାନର ଏକଡ଼ମା ବା ଚାରା ବା ପୁଆ ହୋଇପଡ଼ିଲା ଚାଷୀଙ୍କ ପାଇଁ କ୍ଷତିକାରୀ ! ଅନନ୍ୟୋପାୟ ହୋଇ ତିରଣରୁ ବଙ୍ଗାଳି ଚାଷୀମାନଙ୍କ ଉପରେ କଡ଼ମା ପାଇଁ ନିର୍ଭର କରିବାରୁ ସେଇ ଧୂର୍ତ୍ତ ଚାଷୀ/ବ୍ୟବସାୟୀମାନେ ବାଲିଆପାଳର ଓଡ଼ିଆ ଚାଷୀମାନଙ୍କୁ ଶୋଷଣ କରିବାକୁ ବାଟ ଖୋଜିଲେ !

ଉପଯୁକ୍ତ ମୂଲ୍ୟରେ କଡ଼ମା ନ ପାଇବା, ସରକାରୀ ଉଦାସୀନତା, ଲୋକଙ୍କ ଚାହିଦାରେ ପରିବର୍ତ୍ତନ ଇତ୍ୟାଦି ବହୁବିଧ କାରଣରୁ ବାଲିଆପାଳର ପାନଚାଷୀ ଧୀରେ ଧୀରେ ପାନଚାଷରୁ ବିରତ ହେଲେ ! ଗଞ୍ଜାମ ପରି ଶେଷରେ ସେଇ ଚଳମାନ ସବୁଜ ସଂସ୍କୃତି ଦିନେ ଧରାଶାୟୀ ହେଲା !

ବାଲିଆପାଳ ଅଞ୍ଚଳର ପାନଚାଷୀ ପାନ ସହିତ ଗୁଆ, ନଡ଼ିଆ, କାଜୁ ବାଦାମ, ଚିନାବାଦାମ, ମସିଣା, ସପକାଠି ଇତ୍ୟାଦିର ଚାଷ ଓ ବ୍ୟବସାୟ କରୁଥିଲେ ! ପାନକୁ ନେଇ ଆମଟୁଆ ଗ୍ରାମରେ ଏକଦା ବସୁଥିଲା ଏକ ସ୍ୱତନ୍ତ୍ର ତଥା ବିଶାଳ ସାପ୍ତାହିକ ହାଟ ! ପାନର ସୁବିସ୍ତୃତ ବିପଣି ଗୁଡ଼ିକରେ ମଧ୍ୟ ବିକ୍ରୟ ହେଉଥିଲା ହରେକ କିସମର ପାନ ମସଲା, ଖଇର, ଚୂନ, ନଡ଼ିଆ, ତେନ୍ତୁଳି, ବାଦାମ, ଖଜୁରୀଗୁଡ, ତାଳଗୁଡ ଇତ୍ୟାଦି !

ଏବେ ଅବଶ୍ୟ ସେସବୁ ସପନ ! ବାଲେଶ୍ୱର ମାଟିରେ ବ୍ୟାସକବିଙ୍କ ପରି ପୋଖତ ପାନୁଆ ନାହାଁନ୍ତି କି ବାଲେଶ୍ୱରୀ ପାନର ମହକ ଆଉ ନାହିଁ !

# ଶିଶୁ ହସିଲେ ଦୁନିଆ ହସେ



ଅଙ୍କିତା ମିଶ୍ର

ଶିଶୁ !!!

ଚନ୍ଦନର ସୁଗନ୍ଧ ଭଳି ସୁଗନ୍ଧିତ,ଚନ୍ଦ୍ରର ଶୀତଳ କିରଣ  ଭଳି ଶୀତଳ ଏହି ଶବ୍ଦ ।ତାନ୍‌ପୁରାର ସୁମଧୁର ସ୍ୱର ପରି ମଧୁ ତା'ରକଣ୍ଠସ୍ୱର । ଭଗବାନଙ୍କ ଅମୃତମୟ ସୃଷ୍ଟି ଶିଶୁ । ତା'ର ଚେହେରା ସରଳ । ଦୁନିଆର କୌଣସି ଛନ୍ଦ କପଟ ସେମାନଙ୍କୁ ଛୁଇଁପାରେନି । ଶିଶୁହିଁ ନାରୀକୁ ମାତୃତ୍ୱ ଦିଏ,ନାରୀ ଜୀବନରେ ସାର୍ଥକତା ଆଣେ ।

ସେଇ ଶିଶୁହିଁ ବଡ଼ ହୋଇ ସମାଜର ଦିଗଦର୍ଶକ ହୁଏ,ସମାଜକୁ ଉନ୍ନତିପଥରେ ନେଇଯିବା ପାଇଁ ଚେଷ୍ଟା କରେ । କିନ୍ତୁ ସେଥିପାଇଁ ତାକୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ମିଳିବା ଆବଶ୍ୟକ । ଶିକ୍ଷା ବିନା ମନୁଷ୍ୟର ଜୀବନ ଅସମ୍ପୂର୍ଣ୍ଣ । ତେଣୁ ବାଲ୍ୟକାଳରୁ ଶିଶୁକୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ମିଳିଲେ ଶିଶୁର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ହୋଇପାରିବ ।

ପ୍ରଗତିର ପରିକଳ୍ପନା କରି ବିଶେଷଜ୍ଞମାନେ ଏପରି ଏକ ଦିନ ସ୍ଥିର କରିଥିଲେ, ଯଉଁଦିନ ଶିଶୁମାନଙ୍କୁ ପ୍ରାଧାନ୍ୟ ଦିଆଯାଉଥିଲା ।ସେହିଦିନଟି ଥିଲା ନଭେମ୍ବର ୨୦ ।ଏବେ ସେହି ଦିନଟି ଆନ୍ତଃର୍ଜାତୀୟ ସ୍ତରରେ ଶିଶୁ ଦିବସ ରୂପେ ପାଳିତ ହେଉଛି ।

କିନ୍ତୁ ଭାରତରେ ନଭେମ୍ବର ୧୪ତାରିଖକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି କାରଣ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତନେହେରୁ ଶିଶୁପ୍ରିୟ ଥିଲେ । ଶିଶୁଙ୍କ ଦରୋଟି ହସ ତାଙ୍କୁ ସର୍ବଦା ଆକୃଷ୍ଟ କରୁଥିଲା ।ତାଙ୍କ ମତରେ "ଶିଶୁ ହସିଲେ ଦୁନିଆ ହସେ ।" ବାସ୍ତବରେ ଶିଶୁ ବିନା ସଂସାରରକଳ୍ପନା କରିହୁଏନା । ସେମାନଙ୍କ ନାଲି ଅଧରର ହସ ଜୀବନକୁ ନୂତନ ରଙ୍ଗରେ ରଙ୍ଗାୟିତ କରେ । ତେଣୁ ନେହେରୁଙ୍କଶେଷ ଇଚ୍ଛାକୁ ସମ୍ମାନ ଦେଇ ତାଙ୍କ ଜନ୍ମଦିନକୁ ଶିଶୁ ଦିବସ ରୂପେ ପାଳନ କରାଯାଉଛି ।

ବିଡ଼ମ୍ବନାର ବିଷୟ ନେହେରୁଙ୍କର ପ୍ରାଣପ୍ରିୟ ଶିଶୁଗଣ ଆଜି ନିକ୍ଷେପିତ,ଅବହେଳିତ । ଆଦରଣୀୟ ହେବା ପରିବର୍ତ୍ତେ ସେମାନେ ଆଜି ହତାଦର ହେଉଛନ୍ତି ।ପ୍ରାୟ ଚାଳିଶ ଭାଗ ପିଲା ଦାରିଦ୍ର୍ୟତା ହେତୁ ବିଦ୍ୟାଳାଭ କରୁନାହାଁନ୍ତି । ଜୀବନ ସେମାନଙ୍କ ପାଇଁ ଯନ୍ତ୍ରଣା ପାଲଟି ଯାଇଛି ।

ଜାତୀୟ ଶିଶୁଶ୍ରମ ପ୍ରକଳ୍ପ(NCCP) ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡ଼ିଛି ଆମ ରାଜ୍ୟରେ ପ୍ରାୟ୬୯୨୫୦ଜଣ ଶିଶୁ ଶ୍ରମିକ ଅଛନ୍ତି ।ଯେଉଁ ବୟସରେ ସ୍କୁଲ ବ୍ୟାଗ୍ ଧରି ସ୍କୁଲ ଯିବା କଥା,ଆଜି ସେହି ବୟସରେ ଶିଶୁ ଶ୍ରମିକ ସାଜି ପରିବାରର ଭରଣପୋଷଣ କରୁଛନ୍ତି ।ନିଜ ଜୀବନକୁ ନେଇ ସ୍ୱପ୍ନ ଦେଖିବାର ଅଧିକାର ତାଙ୍କର ନାହିଁ ।ତାଙ୍କ ଉପରେ ଅଛି   ତାଙ୍କ ପରିବାରର ଦାୟିତ୍ୱ ।ନିଜର ଜୀବନ ସହ ଯୋଡ଼ିଯାଏ  ,ଅନ୍ୟ କିଛି ସ୍ୱପ୍ନ ।ତେଣୁ ନିଜ ପାଇଁ ନହେଲେ ଅନ୍ୟ ପାଇଁ ବଂଚିବାକୁପଡ଼େ  ।କୁନି କୁନି ବୟସର ବଂଚିବା ପାଇଁ ସଂଗ୍ରାମ କରି କରି ନିଜ ଉପରୁ ବିଶ୍ୱାସ ହରାଇ ବସୁଛନ୍ତି ଏହି ଭବିଷ୍ୟତର କଳିକା ମାନେ ।

ଆଜିର ସମାଜରେ ସ୍ୱାର୍ଥ ସର୍ବସ୍ୱ ।ଧନୀ ଲୋକମାନେ ନିଜ ସନ୍ତାନମାନଙ୍କୁ ସ୍କୁଲ୍ ପଠାଉଥିବା ବେଳେ,ସେହି ବୟସର କୁନିପିଲାଙ୍କୁ ଘରେ କାମ କରାନ୍ତି । ଥରେ ବି ଭାବନ୍ତିନି ତାର ମନର ପରିଭାଷା । ଧନୀଘରର ସନ୍ତାନ ମଉଜମସ୍ତି କରୁଥିବା ବେଳେ, ଗରିବଘରର ସନ୍ତାନ ଶିଶୁ ଶ୍ରମିକ ହୋଇ କାମ କରି ପରିବାରର ଭରଣପୋଷଣ କରନ୍ତି ।

ଦୁଃଖର ବିଷୟ,ଶିଶୁମାନେ ଗୋତି ଶ୍ରମିକ ରୂପେ ଅନ୍ୟ ରାଜ୍ୟକୁ ଚାଲାଣ ହେଉଛନ୍ତି । ସେଠାରେ ଉପଯୁକ୍ତ ମଜୁରି ନ ପାଇ ଅନାହାରରେ କାଳାତିପାତ କରନ୍ତି ।ସେମାନଙ୍କୁ ବିଭିନ୍ନ ଅନୈତିକ କାର୍ଯ୍ୟକଳାପ,ସନ୍ତ୍ରାସବାଦୀ କାର୍ଯ୍ୟକଳାପ,ଡକାୟତି ଆଦିରେ ଲିପ୍ତ କରାଯାଉଛି । ସେମାନଙ୍କ କିଡ଼ନୀ,ଆଖି ଆଦି ଉଚ୍ଚମୂଲ୍ୟରେ ପଡ଼ୋଶୀ ରାଜ୍ୟ ତଥା ଦେଶକୁ ବିକ୍ରୟ କରାହେଉଛି ।ଦୁନିଆର ରଙ୍ଗୀନଆଲୋକ ଦେଖିବା ଆଗରୁ ଦୁନିଆ ଏହି ଶିଶୁ ଶ୍ରମିକ ପାଇଁ ଅନ୍ଧାର ହୋଇଯାଉଛି । ଦୁଃଖର ବିଷୟ ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ହାତ ଏହା ପଛରେ ଅଛି ।



୧୯୫୦ ମସିହା ଶିଶୁ ଶ୍ରମ ଆଇନ୍ ପ୍ରଣୟନ ଦିନଠାରୁ ଆଜି ପର୍ଯ୍ୟନ୍ତ ଅନେକ ଆନ୍ଦୋଳନ ହୋଇଛି । ମାତ୍ର ତାହା ଲୋକ ଦେଖାଣିଆ । ଅନେକ ଯୋଜନା ଆଲୋଚନା,ପର୍ଯ୍ୟାଲୋଚନା ଅନୁଷ୍ଠିତ ହୋଇସାରିଛି । ମାତ୍ର ଆଜି ପର୍ଯ୍ୟନ୍ତ ତାହାର ସୁଫଳ ମିଳିନାହିଁ ।ସରକାରଙ୍କ ଶିଶୁ ଶିକ୍ଷାନୀତି ମଧ୍ୟ ବିଫଳ ହୋଇଛି । ଆଜିବି ଶିଶୁ ଶ୍ରମିକ-ମାନେ ବିଭିନ୍ନ ଜାଗାରେ କାମ କରୁଛନ୍ତି ଯଦିଓ ଚଉଦବର୍ଷ ପର୍ଯ୍ୟନ୍ତ ବିଦ୍ୟା ଲାଭ କରିବା ବାଧ୍ୟତାମୂଳକ ଏବଂ କାମ କରିବା ନିଷେଧ । ସରକାର କେବଳ ନୀତି ପ୍ରଣୟନ କଲେ ଏହି ସମସ୍ୟା ଦୂର ହେବ ନାହିଁ ।ଯେଉଁ ଶିଶୁଙ୍କ ଓଠରୁ ହସ ଲିଭିଯାଇଛି,କେବଳ ଜଣେ ଜଣେ ସଚେତନ ନାଗରିକ ହିଁ ସେମାନଙ୍କ ହସ  ପୁଣି ଥରେ ଫେରାଇ ଆଣିପାରିବେ ।ତେଣୁ ସମସ୍ତ ସଚେତନ ନାଗରିକଙ୍କୁ ମୋର ଅନୁରୋଧ, "ଭବିଷ୍ୟତର ଏହି କର୍ଣ୍ଣଧାର ମାନଙ୍କୁଅନ୍ଧକାରରେ ବୁଡ଼ି ଯିବାକୁ ଦିଅନ୍ତୁ ନାହିଁ । କାରଣ "Children are the future of the nation".ଆଉ କୁନି କୁନି ପିଲାଙ୍କୁ ଅନୁରୋଧ ଯଦି ତୁମ ବୟସର କେହି ପିଲା ତୁମ ଘରେ କାମ କରୁଛି,ତେବେ ନିଜ ପିତାମାତାଙ୍କୁ ଏପରି ନିଷ୍ଠୁର କାର୍ଯ୍ୟରୁ ନିବୃତ କରନ୍ତୁ ।ସେ ବି ତୁମପରି ଜଣେ ଶିଶୁ ।ତେଣୁ କାମ ନ କରାଇ ସାଙ୍ଗପରି ବ୍ୟବହାର କରନ୍ତୁ ।ଏହାଦ୍ୱାରା ସମାଜରୁ ଶିଶୁ ଶ୍ରମିକ ପ୍ରଥା ଉଠିପାରିବଏବଂ ସେହି ଶିଶୁଙ୍କ ହସ ପୁଣି ଫେରି ଆସିପାରିବ ।





# ନୂଆଁଖାଇ



**ପିଙ୍କୁ ରଣବିଡା**
**ଠେମରା (ପଦରପଡା)**
**ସମ୍ବଲପୁର**

